ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.229 Bhubaneswar Saturday, October 30, 2021 | ୨୪ତମ ବର୍ଷ ସଂଖ୍ୟା-୨୨୯ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୩୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଦୈନିକ 'ପର୍ଯ୍ୟବେକ୍ଷକ'ର ତୃତୀୟ ଖବରଦାତା ସମ୍ମିଳନୀ ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ରମୋହନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଗୁଗୁଲ ମିଟ୍ ପ୍ଲାଟଫର୍ମରେ ଅନୁଷ୍ଠିତ ଶ୍ରୀ ଅରବିନ୍ଦ ମେକପ, ବିଭୁତି ଭୂଷଣ ସାମନ୍ତରାୟ, ସୁବ୍ରତ ସାହୁ, ବିଭୂ ଆଚାର୍ଯ୍ୟ, ରାମଚନ୍ଦ୍ର ସ୍ୱାଇଁ, ଜ୍ଞାନରଞ୍ଜନ ରାଉତ, ଭାଗିରଥି ସ୍ୱାଇଁ, ଯୋଗେଶ୍ୱର ପଣ୍ଡା, ପ୍ରଣବ ବିଶ୍ୱାଳ, ସୁଧାଂଶୁ ଶେଖର ମହାରଣା,ମାନସ ସେଠୀ, ପ୍ରଶାନ୍ତ ମହାନ୍ତି, କମଳ ଲୋଚନ ପଣ୍ଡା, ଚିରଞ୍ଜିବି ଦାସ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଶୁଭେନ୍ଦୁ କାନୁନ୍‌ଗୋ, ଲଳିତବଲ୍ଲଭ ରାଉତ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳର ସାମ୍ବାଦିକମାନେ ଉପସ୍ଥିତ ଥିଲେ

## ବାଣ ଫୁଟିଲେ ବଢ଼ିପାରେ କରୋନା

ଭୁବନେଶ୍ୱର, ୨୯।୧୦(ପି.ଏନ): ବାଣ ଫୁଟିଲେ କରୋନା ବଢ଼ିପାରେ। ଏଭଳି ସତର୍କ ସୂଚନାୟ ଦେଇଛନ୍ତି ଡିଏମଇଟି ଡା. ସିବିକେ ମହାନ୍ତି। ସେ କହିଛନ୍ତି, ବର୍ତ୍ତମାନ କରୋନା ରହିବା ଓ ବଢ଼ିବା ଚିନ୍ତାଜନକ ବିଷୟ। ସେଥିପାଇଁ ସମସ୍ତେ ସତର୍କ ରହିବା ଉଚିତ। ଆଗକୁ ଦୀପାବଳି ଅଛି। ଏହା ପାର୍ବଣର ସମୟ। ଏଣୁ କରୋନା ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି। ଆମ ସଂସ୍କୃତିରେ ଦୀପାବଳିରେ ବାଣ ଫୁଟାଇବାର ପରମ୍ପରା ରହିଛି। ବାଣ ଫୁଟାଇଲେ ବାୟୁ ପ୍ରଦୂଷଣ ହୁଏ। ବାୟୁ ପ୍ରଦୂଷଣ ହେଲେ ଗୁଡ଼ାଏ ଟାକ୍ସିକ ପଦାର୍ଥ ବାୟୁମଣ୍ଡଳକୁ ଯାଏ। ଯାହାକି କ୍ଷତିକାରକ ବୋଲି ଡାକ୍ତର ମହାନ୍ତି କହିଛନ୍ତି।ବାଣ ଫୁଟାଇଲେ ନାଇଟ୍ରିକ୍ ଡାଇଅକ୍ସାଇଡ୍ ବାହାରିଥାଏ। ଯାହାକି କରୋନା ଭୂତାଣୁ ବୃଦ୍ଧିରେ ସାହାଯ୍ୟ କରିଥାଏ। ତେଣୁ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ। ସରକାର ଜାରି କରିଥିବା ଗାଇଡ୍‌ଲାଇନ୍ ମାନିଲେ କରୋନା ନିୟନ୍ତ୍ରଣରେ ରହିବ ବୋଲି ଡାକ୍ତର ମହାନ୍ତି କହିଛନ୍ତି।

# ଗୋଟିଏ ଦିନରେ ୩୬୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୬୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୦୫୯୫ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୭ ହଜାର ୬୫୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୫୬୩ ରହିଛି । ଆଜି ଚିହ୍ନଟ ହୋଇଥିବା ୩୬୫ ଜଣଙ୍କ ମଧ୍ୟରୁ ୨୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୫୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧, ଭଦ୍ରକରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀରରୁ ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୩୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଗଂଜାମ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୩ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୧୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ପୁରୀରୁ ୧୦ ଜଣ, ରାୟଗଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୦ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୧, ସୁନ୍ଦରଗଡ଼ରୁ ୮ ଜଣ ଓ ଷ୍ଟେଟ୍ ପୁଲରୁ ୩୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୯।୧୦(ପି.ଏନ): ରାଜ୍ୟରେ ବାଲ୍ୟବିବାହ ଏବଂ ଶିଶୁ ଶ୍ରମିକ ପ୍ରଥାର ବିଲୋପ ସହ ଶିଶୁମାନଙ୍କ ଜୀବନଶୈଳୀରେ ଉଲ୍ଲେଖନୀୟ ପରିବର୍ତ୍ତନ ଦିଗରେ ବିଧାୟକମାନଙ୍କ ଫୋରମ୍ ଗଠନ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ଆଜି ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ୱେଚ୍ଛାସେବୀ ସଂସ୍ଥା ପ୍ରେମ୍ ଏବଂ ଏଡୁକୋ, ସ୍ୱେନ୍ ପକ୍ଷରୁ ଏହି କାର୍ଯ୍ୟକ୍ରମର ବ୍ୟାପକ ରୂପାୟନ ହେଉଥିବା ପରିପ୍ରେକ୍ଷୀରେ ଶିଶୁମାନଙ୍କ ସାମୂହିକ କଲ୍ୟାଣ ପାଇଁ ବିଧାୟକ ଫୋରମ୍ ଗଠନ ସହ ଏ ଦିଗରେ ଆବଶ୍ୟକୀୟ ଆଇନ ପ୍ରଣୟନ ପାଇଁ ବାଚସ୍ପତି ଡ. ପାତ୍ର ପ୍ରୋତ୍ସାହନ ଓ ଦିଗ୍‌ଦର୍ଶନ ଦେଉଛନ୍ତି। ସେଥିପାଇଁ ତାଙ୍କୁ ଆଜି ଦୁଇ ସଂସ୍ଥା ତରଫରୁ ଉତରୀୟ ଓ ଫଳକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ବାଚସ୍ପତିଙ୍କ କକ୍ଷରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ସଭାରେ 'ପ୍ରେମ୍'ର ସଭାପତି ଜାବୋଦ ଥିଣ୍ଡିଲ୍, ଏଡୁକୋ, ସ୍ୱେନ୍ ର ନିର୍ଦ୍ଦେଶକ ଗୁରୁପ୍ରସାଦ ରାଓ, ପ୍ରେମ୍ ର ଲୋକସଂପର୍କ ଅଧିକାରୀ ରତନ ମିଶ୍ର, କାର୍ଯ୍ୟକ୍ରମ ପରିଚାଳକ ସ୍ୱାଧୀନ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ 'ବିଜୟ ମଶାଲ'କୁ ସ୍ୱାଗତ ଜଣାଇଲେ ସେନା ବାହିନୀ ଓ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୯।୧୦(ପି.ଏନ): ୧୯୭୧ ମସିହା ପାକିସ୍ତାନ ଉପରେ ଭାରତର ବିଜୟ ଲାଭର ୫୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଯାତ୍ରା କରୁଥିବା ସ୍ୱର୍ଣ୍ଣିମ ବିଜୟ ମଶାଲ ଶୁକ୍ରବାର ଭୁବନେଶ୍ୱରରେ ପହଁଚିଛି। ପୂର୍ବ ପ୍ରସ୍ତୁତି ଅନୁସାରେ ଏହି ବିଜୟ ମଶାଲ ଆଜି ସକାଳୁ ଆଇ.ଏନ.ଏସ୍ ଚିଲିକାରୁ ବାହାରି ଖୋର୍ଦ୍ଧା ଦେଇ ଭୁବନେଶ୍ୱର ସ୍ଥିତ ୧୨୦ ବାଟାଲିୟନ ଷ୍ଟେସନ ହେଡ୍‌କ୍ୱାଟର୍ସ ଠାରେ ଅପରାହ୍ଣ ୩.୦୦ ସମୟରେ ପହଁଚିଥିଲା। ସ୍ଥାନୀୟ ପାୱାର ହାଉସ ଛକଠାରୁ ୧୨୦ ବାଟାଲିୟନ ସୂର୍ଯ୍ୟ ଦ୍ୱାର ପର୍ଯ୍ୟନ୍ତ ଆର୍ମି.ଏ.ଡି.କଲେଜ୍ ଗୋପାଳପୁରର ପାଇପ୍ ବ୍ୟାଣ୍ଡ ଟ୍ରୁପ୍ ଧୂନର ତାଳେ ତାଳେ ଏବଂ ଜାତୀୟ ସେବା ସଂସ୍ଥା(ଏନ୍.ଏସ୍.ଏସ୍) କଲେଜ ଛାତ୍ରଛାତ୍ରୀମାନଙ୍କ ସ୍ଲୋଗାନ ମଧ୍ୟରେ ବିଜୟ ମଶାଲକୁ ଶୋଭାଯାତ୍ରାରେ ଅଣାଯାଇଥିଲା। ଦେଶର ମାନ-ବୀର ଜବାନ, ଦେଶର ସମ୍ମାନ -ବୀର ଜବାନ, ୧୯୭୧ ଯୁଦ୍ଧ ବୀର ଯବାନଙ୍କୁ ସମ୍ମାନ, ଜୟ ଜବାନ-କିଶାନ, ସୈନିକ ତୁମେ ମାତୃଭୂମିର ରକ୍ଷକ ଆଦି ସ୍ଲୋଗାନରେ ୧୨୦ ବାଟାଲିୟନ ପରିସରରେ ଦେଶାତ୍ମବୋଧ ଭାବାବେଗରେ ପ୍ରକମ୍ପିତ ହୋଇଥିଲା । ବ୍ରିଗେଡିୟର ପ୍ରଶାନ୍ତ ଚୌହାନ ( ସେନା ମେଡାଲ) ତଥା କମାଣ୍ଡର ଛତିଶଗଡ-ଓଡିଶା ସବ୍ ଏରିଆ ଏଠାରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଗ୍ରହଣ କରିଥିଲେ । ଅନ୍ୟ ସେନା ବରିଷ୍ଠ ପଦାଧିକାରୀ ଓ ଏନ୍.ସି.ସି କ୍ୟାଡେଟ୍‌ମାନଙ୍କ ଉପସ୍ଥିତିରେ ସଂପୂର୍ଣ୍ଣ ସେନା ମର୍ଯ୍ୟାଦାର ସହ ଏହି ପବିତ୍ର ବିଜୟ ମଶାଲକୁ ଭବ୍ୟ ସ୍ୱାଗତ ସଂବର୍ଦ୍ଧନା ମଧ୍ୟରେ ୧୨୦ ବାଟାଲିୟନ ସୂର୍ଯ୍ୟଦ୍ୱାର ସ୍ଥିତ ଅମର ଜବାନ ଶହୀଦ୍ ସ୍ତମ୍ଭ ନିକଟରେ ଅବସ୍ଥାପିତ କରାଯାଇଛି। ଆସନ୍ତା କାଲିଠାରୁ ଏହି ବିଜୟ ମଶାଲ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ୧୯୭୧ ଯୁଦ୍ଧ ବୀର ଯବାନଙ୍କ ଘରକୁ ଗସ୍ତ କରିବା ସହିତ ୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବ । ଏନ.ଏସ୍.ଏସ୍ ବ୍ୟୁରୋ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍ତ୍ୱାବଧାନରେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଏକାମ୍ର କଲେଜ, ବିଜୁ ପଟ୍ଟନାୟକ କଲେଜ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ସିଟି ମହିଳା ମହାବିଦ୍ୟାଳୟ, ମହର୍ଷି ମହିଳା ମହାବିଦ୍ୟାଳୟ, ଆର୍.ଏମ୍.ଦେବ ଡିଗ୍ରୀ କଲେଜ, ପଟିଆ ଆଦିରୁ ଜାତୀୟ ସେବା ସଂଘ କଲେଜ ଛାତ୍ରଛାତ୍ରୀମାନେ ଏହି ବିଜୟ ମଶାଲ ସ୍ୱାଗତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।




# ମମିତା ହତ୍ୟାକାଣ୍ଡ ମାମଲାରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି ?

ଭୁବନେଶ୍ୱର,୨୯।୧୦(ପି.ଏନ): ସନସାଇନ୍ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକୁ ଇତିମଧ୍ୟରେ ୨୧ ଦିନ ବିତିଯାଇଛି। ଏଥିରେ ରାଷ୍ଟ୍ର ଗୃହମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତି ନେଇ ଅଭିଯୋଗ ଆସିଛି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ନମିଳିବାରୁ ରାଜନୀତି ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏବେ ମମିତା ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି ବିଜେପି ସାଂସଦ ଅପରାଜିତ ଷଡଙ୍ଗୀ। ମମିତା ହତ୍ୟାକାଣ୍ଡ ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ନୀରବତାକୁ ନେଇ ସାଂସଦ ଶ୍ରୀମତୀ ଷଡଙ୍ଗୀ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅପରାଧିକ ମୂଳକ ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଦାୟୀ ବୋଲି ଅପରାଜିତା କହିଛନ୍ତି। ମମିତାଙ୍କ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ନିରବତା ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି ସାସଂଦ। ମୁଖ୍ୟମନ୍ତ୍ରୀ ନିଜ ଘରୁ ବାହାରନ୍ତୁ ଏବଂ ଏ ଘଟଣା ସମ୍ପର୍କରେ କିଛି କୁହନ୍ତି ବୋଲି ଅପରାଜିତ ଅନୁରୋଧ କରିଛନ୍ତି। ଯଦି ଏହି ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ଅପରାଧୀ ନୁହନ୍ତି, ମୁଖ୍ୟମନ୍ତ୍ରୀ ସିବିଆଇକୁ ତଦନ୍ତଭାର ଦିଆଯାଉ ବୋଲି ଅପରାଜିତା ଦାବି କରିଛନ୍ତି। ଅପରାଜିତା କହିଛନ୍ତି, ୨୧ ଦିନ ହେଲାଣି ରାଜ୍ୟର ପରିସ୍ଥିତି ସମସ୍ତଙ୍କୁ ଜଣା। ବିଜେପି ପକ୍ଷରୁ ବିଭିନ୍ନ ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେବଳ ବିଜେପି ନୁହେଁ, କଂଗ୍ରେସ ଏବଂ ଅନ୍ୟାନ୍ୟ ପାର୍ଟି ମଧ ବିକ୍ଷୋଭ କରିଛନ୍ତି। ରାଜ୍ୟରେ ୨ କୋଟି ମହିଳା ରହିଛନ୍ତି। ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ମିଶନ ଶକ୍ତି ରାଜ୍ୟ ସରକାରଙ୍କ ତରଫରୁ କରାଯାଇଥିଲା। ମାତ୍ର ଯଦି ମହିଳାଙ୍କ ସୁରକ୍ଷା ନାହିଁ ତେବେ ଆର୍ଥିକ ସଶକ୍ତିକରଣ କଣ ଦରକାର ବୋଲି ଅପରାଜିତା କହିଛନ୍ତି। ଅପରାଜିତା କହିଛନ୍ତି, ଏନସିଆରବି ରିପୋର୍ଟ ଅନୁସାରେ ମହିଳାଙ୍କ ବିରୋଧରେ ଅପରାଧ ଘଟଣାରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ରିପୋର୍ଟ ପରେ ମଧ ଏହା ଶତକଡ଼ା ୨୬ ଭାଗ ବୃଦ୍ଧି ପାଇଛି। ଗତବର୍ଷ ଅପେକ୍ଷା ଏହାର ହାର ମଧ ବଢ଼ିଛି। ଆମ ରାଜ୍ୟରେ ଯାହା କ୍ରାଇମ୍ ରେଟ ରହିଛି ତାହା ପଡୋଶୀ ରାଜ୍ୟମାନଙ୍କ ଠାରୁ ଢେର ଅଧିକ ରହିଛି। ପରୀ, ସ୍ମିତାରାଣୀ, ପିହୁ, ମାଧବୀଲତା ଆଉ ଏବେ ମମିତା ଏମିତି ଅନେକ ଘଟଣା ଘଟିଛି। ମହିଳାଙ୍କ ପ୍ରତି ହୋଇଥିବା ଅତ୍ୟାଚାରରେ ଦଣ୍ଡ ପାଇବା ଓଡ଼ିଶାରେ ମାତ୍ର ୯.୦୨ ପ୍ରତିଶତ। ଓଡିଶା ରାଜ୍ୟ ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ। ମୁଁ ମହିଳା, ମୁଁ ଅସୁରକ୍ଷିତ ଆଗାମୀ ଦିନରେ ସାରା ଓଡିଶାରେ ବିଜେପିର ନାରା ହେବ ବୋଲି ଅପରାଜିତା କହିଛନ୍ତି।ଅପରାଜିତା ଆହୁରି କହିଛନ୍ତି, ତିନି ଜଣିଆ କେନ୍ଦ୍ରୀୟ ମହିଳା ଟିମ ଆସନ୍ତାକାଲି ଆସି ମମିତାଙ୍କ ଘରକୁ ଗସ୍ତ କରିବେ। ମମିତାଙ୍କ ହତ୍ୟାକାଣ୍ଡ କଳାହାଣ୍ଡିରେ ଘଟିଛି। ଯେଉଁ ଠାରେ ମନ୍ତ୍ରୀ ଟୁକୁନି ସାହୁ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏବଂ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ପରି ହେଭିୱେଟ ରହିଛନ୍ତି। ଯଦି ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ତାହେଲେ ଏଥିପାଇଁ ମୁଖ୍ୟମନ୍ତ୍ରୀ ଦାୟୀ। ଯଦି ସାହସ ଅଛି, ମୁଖ୍ୟମନ୍ତ୍ରୀ ସାମ୍ନାକୁ ଏହି ଘଟଣାର ନେତୃତ୍ୱ ନେବାକୁ ଅପରାଜିତା ଦାବି କରିଛନ୍ତି ।ଅନ୍ୟପକ୍ଷରେ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ କଡା ସମାଲୋଚନା ପରେ ବିଜେଡି ବିଚ୍ଳିତ ହୋଇପଡିଛି। ଆଉ ତରବରିଆ ଭାବେ ଦଳର ସାଧାରଣ ସମ୍ପାଦିକା ତଥା ମୁଖପାତ୍ର ଶ୍ରୀମୟୀ ମିଶ୍ର ବିବୃତ୍ତି ଜାରି କରି ଅପରାଜିତାଙ୍କୁ ସମାଲୋଚନା କରିଛନ୍ତି । ଶ୍ରୀମତୀ ମିଶ୍ର କହିଛନ୍ତି ଯେ, ସ୍ୱର୍ଣ୍ଣକାତର ଘଟଣାକୁ ନେଇ ସାଂସଦ ଅପରାଜିତା ଷଡଙ୍ଗୀ ରାଜନୀତି କରନ୍ତୁ ନାହିଁ । ଅପରାଜିତା ଏବେ ନିଜ ଦଳରେ ପରିଚ୍ୟ ସଙ୍କଟର ସମ୍ମୁଖୀନ ହେଉଥିବା ଜଣାପଡୁଛି । ସେଥିପାଇଁ ଏଭଳି ଅରୁଚିକର ମନ୍ତବ୍ୟ ଦେଉଛନ୍ତି । ପୀଡିତାଙ୍କୁ ନ୍ୟାୟ ଦେବାକୁ ଉଦ୍ୟମ କରିବା ବଦଳରେ ଶସ୍ତା ରାଜନୀତି କରୁଛନ୍ତି। ଗଣମାଧ୍ୟମରେ ରହିବା ପାଇଁ ସେ ଏଭଳି ପ୍ରୟାସ କରୁଛନ୍ତି, ଯାହାକୁ ଓଡିଶାବାସୀ ଠିକ୍ ଭାବେ ବୁଝିପାରିଛନ୍ତି । ଏହି ଘଟଣାକୁ ରାଜନୀତିକରଣ କରିବା ପୂର୍ବରୁ ଶ୍ରୀମତୀ ଷଡଙ୍ଗୀ ଆତ୍ମସମ୍ମାନ ରଖିବା ଉଚିତ୍ ବୋଲି ଶ୍ରୀମତୀ ମିଶ୍ର କହିଛନ୍ତି ।




## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha

ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ୍ରମ ଘାସ। କାର ନିର୍ମାତାମାନେ ସେହି ସିଡ୍ରମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ


© Reuters

ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ବାୟୋଫ୍ଲକ ଖାଦ୍ୟ ଜରିଆରେ ସାମୁଦ୍ରିକ ଚିଙ୍ଗୁଡ଼ିର ପୋଷଣ ସନ୍ତୁଳନ

ପ୍ରାଣୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନାଇଟ୍ରୋଜେନ ମୁଖ୍ୟତଃ ଅମିନୋ ଏସିଡ୍ ଦ୍ୱାରା ଗଠିତ ହୋଇଥାଏ ଯାହାକି ପ୍ରୋଟିନ୍ ଓ ବାୟୋମାସରସନ୍ତୁଳନରେ ସାହାଯ୍ୟ କରେ । ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଯେ ବାୟୋଫ୍ଲକ ମୁଖ୍ୟତଃ ପ୍ରୋଟିନ୍, କାର୍ବୋହାଇଡ୍ରାଟେ ଏବଂ ଜୀବାଣୁରେ ଗଠିତ ହୋଇଥାଏ ଯାହାକି ଜଳଗୀବ ମାନଙ୍କର ଏକ ପ୍ରମୁଖ ଖାଦ୍ୟ । । ୟୋଫ୍ଲୋକରେ ମୁଖ୍ୟତଃ ଫ୍ୟାଟି ଏସିଡ୍ ଥାଏ ଯାହାକି ଚିଙ୍ଗୁଡ଼ି ମାନଙ୍କର ପୋଷକତ୍ତ୍ୱ ଗ୍ରହଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିଙ୍ଗୁଡ଼ିମାନଙ୍କର ଅନ୍ତର୍ଦେଶୀୟ ବିଭାଜନରେ ବାୟୋଫ୍ଲୋକ ପ୍ରଯୁକ୍ତି ବିଦ୍ୟା ମୁଖ୍ୟତଃ ନାଇଟ୍ରୋଜେନ ଓ ଫସଫରସ୍ ଯଥାକ୍ରମେ ୭୦ ଓ ୬୬ ଶତକଡ଼ା ବଢ଼ାଇ ଥାଏ । ଏ ଡି ସିର ପରିମାଣ କମିବା ସହିତ ପୋଷକତ୍ତ୍ୱ ମାନଙ୍କର ଆବଶ୍ୟକତା ମଧ୍ୟ କମିଥାଏ । ଏହା ପ୍ରଥମେ ବୈଜ୍ଞାନିକ ମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏଥିସହିତ ବାୟୋଫ୍ଲୋକ କାର୍ବନ ଓ ନାଇଟ୍ରୋଜେନର ସନ୍ତୁଳିତ ଆଧାରକୁ ପ୍ରାଧାନ୍ୟ ଦେଇଥାଏ । ବାୟୋଫ୍ଲୋକ ମୁଖ୍ୟତଃ ବିଭିନ୍ନ ଅମିନୋଆସିଡ୍ ଯେପରିକି ମ୍ୟୁରାମିକ ଏସିଡ୍ ଫାଇଟୋଷ୍ଟେରୋଲ ଆଦି ଧାରଣ କରିଥାଏ । ଏହି ସକ୍ରିୟ ଉପାଦାନ ଗୁଡ଼ିକ ଜଳଜୀବ ମାନଙ୍କର ବୃଦ୍ଧି ଘଟାଇଥାଏ । ଏଥି ସହିତ ଏହା ମଧ୍ୟ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ତମ ଗୁଣବତା ରକ୍ଷା କରେ । ଏହି ଉପାଦାନ ଗୁଡ଼ିକ ଉତ୍ତମ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଏଞ୍ଜାଇମ୍ ଗୁଡ଼ିକୁ ସକ୍ରିୟ କରିବା ସହିତ କୋଷଗୁଡ଼ିକୁ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ । ଏବର ସମୟରେ ସାମୁଦ୍ରିକ



ସାଧାରଣତଃ ସାମୁଦ୍ରିକ ଚିଙ୍ଗୁଡ଼ିର ବୃଦ୍ଧି ନିମନ୍ତେ ଅଧିକାଂଶ ଗବେଷଣା ଘରୋଇ ପଦ୍ଧତି ଜନ୍ମିତ ଅଂଶୁଜୀବାଣୁ ବ୍ୟବହାର କରି ହୋଇଥାଏ । ଯାହାହେଉ ଏଇ ଘରୋଇ ପର୍ଯ୍ୟବେଶିତ ପ୍ରଣାଳୀ ଅଣୁଜୀବାଣୁ ଏବଂ ଶୈବାଳ ମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅତିରିକ୍ତ ଅମ୍ଳଜାନ ଦରକାର ହୋଇଥାଏ । ଏତଦବ୍ୟତୀତ ସାମୁଦ୍ରିକ ଚିଙ୍ଗୁଡ଼ି ମଧ୍ୟ ଅଣୁଜୀବାଣୁ ଶୈବାଳ ମାନଙ୍କ ସହ ଆବଶ୍ୟକୀୟ ଅମ୍ଳଜାନ ଦରକାର । ଏଇ ପଦ୍ଧତି ସାଧାରଣତ ଉପାୟରେ ହେଉଥିବା ସାମୁଦ୍ରିକ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଅପେକ୍ଷା ଅଧିକ ଅମ୍ଳଜାନ ଆବଶ୍ୟକ କରିଥାଏ। ଯାହା ଫଳରେ ଏହା ଅମ୍ଳଜାନ ଦ୍ରବିଭୂତ ପ୍ରଣାଳୀର


ବିଜ୍ଞାନ ମିହିର ରାଉତ

ଖର୍ଚ୍ଚକୁ ଦୂରୀଭୂତ କରିଥାଏ । ଏହାପରେ ମଧ୍ୟ ବୟୋଫ୍ଲୋକ ପ୍ରଣାଳୀରେ ଉପଯୁକ୍ତ ଖାଦ୍ୟ ଉପଯୋଗ ଚାଷ ହେଉଥିବା ଜଳଗୀବମାନଙ୍କର ଚାରି ଖାଇବା ନୀତି ଉପରେ ନିର୍ଭରଶୀଳ ଥାଏ । ବର୍ତ୍ତମାନ ଯୁଗରେ ବୈଜ୍ଞାନିକ ମାନେ ବାୟୋଫ୍ଲୋକ କୌଶଳକୁ ଜଳଜୀବ ମାନଙ୍କର ପୋଷଣ ତତ୍ତ୍ୱରେ ଖାଦ୍ୟ ଶୃଙ୍ଖଳ ଭାବରେ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସାମୁଦ୍ରିକ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଖାଦ୍ୟରେ ଫିସ୍ ମିଲ ଏକ ମୁଖ୍ୟ ଉପାଦେୟର ଭୂମିକା ନେଉଛି । ଯେଉଁଥିପାଇଁ ବ୍ୟବହୃତ ମାଛ ଖାଦ୍ୟର ବଜାର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣୁ ଉପଯୁକ୍ତ ପ୍ରୋଟିନ୍ ପରିମାଣକୁ ବଢ଼ାଇ ରଖି ଏକ ବିକଳ୍ପ ପ୍ରୋଟିନ୍‌ର ଉତ୍ସ ଖୋଜି ପାଇବ । ଜଳଜୀବ ପାଳନ ଶିଳ୍ପ ଆଜି ଏକ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ । ଗବେଷଣାରୁ ଜଣା ପଡ଼ିଛି ସୋୟାବିନ୍ ଜାତୀୟ ପଦାର୍ଥ ଫିସ୍ ମିଲକୁ ପୁନଃ ସ୍ଥାପନ କରେ ଯାହାକି ପ୍ରୋଟିନ୍ ଓ ଖଣିଜ ଲବଣରେ ଭରପୁର ଅଟେ ଏବଂ ଚିଙ୍ଗୁଡ଼ି ମାନଙ୍କର ଏକ ପ୍ରମୁଖ ଖାଦ୍ୟ ଅଟେ ।



ଚିଙ୍ଗୁଡ଼ି ମାନଙ୍କର ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହା କେବଳ ବୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିଛି ଏବଂ ସେ ଏହା ଦର୍ଶାଇଥିଲେ ଯେ ବାୟୋଫ୍ଲୋକ ୭୫ ରୁ ୮୦ ଶତକଡ଼ା ପ୍ରୋଟିନ୍ ଏବଂ ପୋଷାକତ୍ତ୍ୱ ଧାରଣ କରିଥାଏ । ଜଳଜୀବମାନଙ୍କ ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ମୁଖ୍ୟତଃ ଅମିନୋଆସିଡ୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହି ବାୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦେଖାଏ ଯେ ଜଳଜୀବ ବିଜ୍ଞାନ ଉତ୍ପାଦନ ବୃଦ୍ଧିହେବା ସହିତ ପରିବେଶ ଉପରେ ପଡୁଥିବା ଅନାବଶ୍ୟକ ବ୍ୟବସ୍ଥାର ହ୍ରାସ ଘଟେ । ବୟୋଫ୍ଲୋକରେ ଥିବା ପୋଷକତ୍ତ୍ୱ ମୁଖ୍ୟତଃ ଚିଙ୍ଗୁଡ଼ିମାନଙ୍କର ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ ହୁଏ । ଏକ ପୋଷକତ୍ତ୍ୱ ସର୍ଭେରୁ ଜଣାପଡ଼ିଛି ଯେ ବାୟୋଫ୍ଲୋକରେ ୧୨୦ ଗ୍ରାମ/କେଜି ପ୍ରୋଟିନ୍ ଏବଂ ପ୍ୟାଟିଆସିଡ୍ ୨୦ ଗ୍ରାମ/କେଜି ଥାଏ । ବୟୋଫ୍ଲୋକ ମୁଖ୍ୟତଃ ୨୯.୧% ନାଇଟ୍ରୋଜେନ ୩୯.୨% ଜୀବାଣୁ ଏବଂ ୮.୩% ଫାଇବର, ୪.୭% ଫାଟିଆସିଡ୍ ଧାରଣ କରିଥାଏ । ଜୀବାଣୁର ପରିମାଣ ଯେତେ ବୃଦ୍ଧି ପାଇଥାଏ ସାମୁଦ୍ରିକ ଚିଙ୍ଗୁଡ଼ିମାନଙ୍କର ବୃଦ୍ଧି ସେତେ ହୋଇଥାଏ । ୨୦ଟି ଆମିନୋଆସିଡ୍ ମଧ୍ୟରୁ ବାୟୋଫ୍ଲୋକ ମୁଖ୍ୟତଃ ୪ଟି ଫ୍ୟାଟିଆସିଡ୍‌କୁ ଗ୍ରହଣ କରିଥାଏ । ସେଗୁଡ଼ିକ ହେଉଛି ପଲମିଟିକ୍ ଏସିଡ୍, ଲିନୋଲେଇକ ଏସିଡ୍, ଓରେଇକ ଏସିଡ୍ ।

ମତ୍ସ୍ୟବିଜ୍ଞାନ,
ଏମ.ଏସ୍. ସ୍ୱାମୀନାଥନ କୃଷି
ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

## ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ



ଆଜିକାଲିର ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପାଇଁ ବିମୁଖ। କିନ୍ତୁ ଯଦି କମ ସମୟରେ ଅଧିକ ଅମଳ କରିହେବାର କିଛି ଉପାୟ ଆସେ , ତେବେ ସେଥିପାଇଁ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି। ଠିକ୍ ସେମିତି କୃଷି କ୍ଷେତ୍ରରେ ଏକ ଅଭିନବ ଉପାୟ ହାଇନ୍ରୋଫନିକ୍ସ। ବିନା ମାଟିରେ ଫସଲ ଉତ୍ପାଦନ କରିବାର ଏକ ନିଆରା ଉପାୟ। ପୋଷକତତ୍ତ୍ୱକୁ ସିଧାସଳଖ ଗଛରେ ପ୍ରୟୋଗ କରାଯାଏ। ଯାହା ଫଳରେ ଚେର ଆବଶ୍ୟକୀୟ ପୋଷକତତ୍ତ୍ୱକୁ ଗ୍ରହଣ କରିପାରେ। ଅଧିକାଂଶ ସ୍ଥାନରେ ଏହାକୁ ଯୁବବର୍ଗ ବି ଆପଣେଇ ଲେଣି । ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି ଏହି ହାଇଡ୍ରୋଫନିକ୍ସ ଫାର୍ମ। ପାଳଙ୍ଗ , ଟମାଟୋ, ବନ୍ଧାକୋବି ପରି ପରିବା ଉତ୍ପାଦନ କରି ଏହା ଏବେ ବେଶ ଚର୍ଚ୍ଚାରେ।



## ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ ସମାଧାନ :

ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାରବେଣ୍ଡଜୀମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

* ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ ଗ୍ରାମ ମାନକୋଜଏ ପ୍ରତି ଲିଟର ପାଣିରେ ମିଶାଇ 'ସଲର ମୂଳ ଅଂଶରେ ଓ ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ ।
* ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ ।

## ଧାନରେ ମହିସା ରୋଗ ବ୍ୟାପୁଥିଲେ ସମାଧାନ

ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

## ପଂଚଗବ୍ୟର ପ୍ରସ୍ତୁତି :

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ । ଜର୍ସି ଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

## ଡାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର

ଅଭିନନ୍ଦିତା ସାହୁ

ଓଡ଼ିଶାର ଚାଷ କରାଯାଉଥିବା ମୁଖ୍ୟ ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ହରଡ଼, ମୁଗ, ବିରି, ବୁଟ, ମଟର, କୋଳଥ, ମସୁର ଅନ୍ୟତମ ।

ଡାଲି ଜାତୀୟ ଫସଲରେ ହେଉଥିବା ମୁଖ୍ୟ ରୋଗ ମାନଙ୍କ ମଧ୍ୟରେ ଝାଉଁଳା ରୋଗ, ପାଉଁଶିଆ ରୋଗ, କଳଙ୍କି ରୋଗ, ସାହେବୀ ରୋଗ ଆଦି ଅନ୍ୟତମ ।

**ଝାଉଁଳା ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ହରଡ଼ ଓ ବୁଟ ଫସଲର ମୁଖ୍ୟ ରୋଗ ଅଟେ । ଏହି ରୋଗର ପ୍ରଥମ ଅବସ୍ଥାରେ ଗଛରୁ ପତ୍ର ଗୁଡ଼ିକ ହଳଦିଆ ପଡ଼ିବା ଆରମ୍ଭ କରେ ଏବଂ ଶେଷରେ ସମ୍ପୂର୍ଣ୍ଣ ଝାଉଁଳି ପଡ଼ି ମରିଯାଏ । ଆକ୍ରାନ୍ତ ଗଛର କାଣ୍ଡକୁ କାଟି ଦେଖିଲେ କାଣ୍ଡର ଭିତର ଅଂଶରେ କଳା ଗାର ଗାର ଦାଗ ଦେଖାଯାଏ ।

ପ୍ରତିକାର :

- ହରଡ଼ ଫସଲର ଝାଉଁଳା ରୋଗରୁ ରକ୍ଷା ପାଇବା ପାଇଁ ସୋରଗମ୍ ସହ ମିଶ୍ରିତ ଚାଷ କରନ୍ତୁ ।
- ଖରାଟିଆ ଗଭୀର ଚାଷ କରନ୍ତୁ ।
- ରୋଗ ପୋକ ନିରୋଧକ ଓ ସହନଶୀଳ ବିହନ କର୍ବାଚନ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ କୀଟନାଶକ କାର୍ବେଣ୍ଡାଜିମ୍ କିମ୍ବା ଥିରାମ ୩ ଗ୍ରାମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ । କିମ୍ବା ଜୈବ ବିଶୋଧକ ଟ୍ରାଇକୋଡ଼ର୍ମା ୪ ଗ୍ରାମ ପ୍ରତି କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।
- ଜମିରେ ରୋଗ ଦମନ ନିମନ୍ତେ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।



**ପାଉଁଶିଆ ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ । ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ ।



**ପ୍ରତିକାର :**

- ସହନଶୀଳ ବିହନ ବ୍ୟବହାର କରନ୍ତୁ ।
- ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସହପ୍ରାଧାପିକା, ଏମ୍.ଏସ୍
ସ୍ୱାମୀନାଥନ କୃଷି
ବିଶ୍ୱବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ-୭୮୯୪୯୧୧୮୩୦




# ମହିଳାଙ୍କ ପ୍ରଜନନ କ୍ଷମତା ପ୍ରଭାବିତ ହେଉଛି

ଭୁବନେଶ୍ୱର (ପିଏନ୍): ସଂପ୍ରତି ବିଭିନ୍ନ ପାରିପାର୍ଶ୍ୱିକ, ସାମାଜିକ, ଚିକିତ୍ସାଗତ କାରଣ ପାଇଁ ମହିଳାଙ୍କ ପ୍ରଜନନ କ୍ଷମତା ଗୁରୁତର ଭାବରେ ପ୍ରଭାବିତ ହେଉଛି। ପ୍ରଥମ କଥା ହେଉଛି ଶରୀରର ଓଜନ ଆବଶ୍ୟକତାଠାରୁ କମ୍ ହୋଇଥିଲେ ଯାହାର ଅର୍ଥ ହେଉଛି ଅଧିକ ପତଳା ମହିଳାଙ୍କର ସନ୍ତାନ ଜନ୍ମ ବା ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍ ରହିଥାଏ। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହର୍ମୋନ୍ ଏହା ପାଇଁ ଦାୟୀ। ଏହି ହର୍ମୋନରୁ ବହୁ କମ୍ ମାତ୍ରା ଋତୁସ୍ରାବ ପାଇଁ କାର୍ଯ୍ୟ କରିଥାଏ। ଏହା ମଧ୍ୟ ପ୍ରଜନନ କ୍ଷମତା କମ୍ ହେବାର ମୁଖ୍ୟ କାରଣ। ଅତ୍ୟଧିକ ପତଳା ମହିଳାମାନେ ଗର୍ଭଧାରଣ କରିପାରନ୍ତି ନାହିଁ। ତେଣୁ ଏମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ବ୍ୟାୟାମ କରିବା ଦରକାର। ସେହିପରି ସାଧାରଣରେ ମହିଳାମାନେ ବ୍ୟବହାର କରୁଥିବା ଗର୍ଭନିରୋଧକ ଟୀକା ବି ଏ କ୍ଷେତ୍ରରେ ଗୁରୁତର ପ୍ରଭାବ ରଖିଥାଏ। ଯଦି ଗର୍ଭନିରୋଧକ ବଟିକା ଖାଉଥାନ୍ତି କିମ୍ବା ଗର୍ଭନିରୋଧକ ଇଞ୍ଜେକ୍ସନ ନେଉଥାନ୍ତି, ତାହେଲେ ଏହା ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ପ୍ରଣାଳୀକୁ ଯଦି ଲଗାତର କରୁଥାନ୍ତି, ତାହାହେଲେ ମା'ହେବାର ଦକ୍ଷତା ମହିଳାମାନେ ହରାଇ ବସିପାରନ୍ତି। ଆଉ ଗୋଟିଏ କାରଣ ହେଉଛି ମୋଟା ହେବା ବା ଶାରୀରିକ କ୍ଷେତ୍ରରେ ମେଦବହୁଳତା । କାରଣ ଆଜିକାଲି ଫାଷ୍ଟଫୁଡ୍, ପ୍ରଚୁର ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଓ କେତେକ କ୍ଷେତ୍ରରେ ଶାରୀରିକ କାରଣରୁ ମହିଳାମାନେ ମୋଟା ହୋଇଯାଉଛନ୍ତି। ଆଜିକାଲି ମହିଳାମାନେ ଅତ୍ୟଧିକ ମୋଟା ହୋଇଯାଉଛନ୍ତି। ମେଦ ବୃଦ୍ଧି ଯୋଗୁଁ ହର୍ମୋନ ନିର୍ଗତ ହେବାରେ ବାଧା ସୃଷ୍ଟି ହୁଏ। ବିଶେଷ କରି ଗର୍ଭଧାରଣରେ ଏହା ସମସ୍ୟା ସୃଷ୍ଟି କରେ। ଅଧିକ ମୋଟା ହୋଇଯାଉଥିବା ମହିଳାଙ୍କ ଗର୍ଭାଶୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଏଥିପାଇଁ ମୋଟି ମହିଳାଙ୍କ ଠାରେ ମା' ନହେବାର ସମସ୍ୟା ଦେଖାଯାଏ। ସେହିପରି ବୟସ ମଧ୍ୟ ପ୍ରଜନନ କ୍ଷମତାକୁ ଗୁରୁତର ଭାବରେ ପ୍ରଭାବିତ କରିଥାଏ ବିଶେଷକରି ବୟସ୍କ ମହିଳାମାନେ ଅର୍ଥାତ୍ ୩୫ବର୍ଷରୁ ଅଧିକ ବୟସର ମହିଳାମାନଙ୍କର ଶାରୀରିକ ଦୃଷ୍ଟିକୋଣରୁ ପ୍ରଜନନ କ୍ଷମତା କମି ଯାଇଥାଏ। ସାଧାରଣତଃ ବୟସ ଅଧିକ ହେଲେ ମହିଳାମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଏ। କମ୍ ବୟସ ମହିଳାଙ୍କ ଋତୁସ୍ରାବରେ ଅନିୟମିତତା ଦେଖାଗଲେ ମଧ୍ୟ ସେମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଏ। ସାଧାରଣତଃ ୩୫ ବର୍ଷ ବୟସରୁ ମା' ହେବାର ସମସ୍ୟା ଦେଖାଯାଏ। କାରଣ ଏଭଳି ସମସ୍ୟା ଦେଖାଦେଲେ ଡିମ୍ବାଣୁ ସଂଖ୍ୟା ହ୍ରାସ ପାଏ। ଏହାଦ୍ୱାରା ପ୍ରଜନନ କ୍ଷମତା କମିଯାଏ। ଅଧିକାଂଶ ମହିଳା ହୁଏତ ଜାଣିନଥାନ୍ତି ଯେ ସାଧାରଣରେ ମାମୁଲି ଲାଗୁଥିବା ଥାଇରଏଡ଼ର ପ୍ରଭାବରେ କେତେକ କ୍ଷେତ୍ରରେ ମହିଳାମାନେ ନିଜର ସନ୍ତାନ ଜନ୍ମ କରିବାର ବା ପ୍ରଜନନ କ୍ଷମତାରେ ସମସ୍ୟାକୁ ସାମ୍ନା କରିଥାନ୍ତି। ଥାଇରଏଡ଼ ହର୍ମୋନ୍‌ରେ ପରିବର୍ତ୍ତନ ଦେଖାଦେଲେ ଏହା ଗର୍ଭଧାରଣରେ ସମସ୍ୟା ସୃଷ୍ଟି କରେ। କେତେକ ମହିଳାଙ୍କ ଠାରେ ଦେଖାଯାଏ ଥାଇରଏଡ୍ ସମସ୍ୟା ଯୋଗୁଁ ସେମାନେ ଗର୍ଭ ଧାରଣ କରିପାରନ୍ତି ନାହିଁ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାକୁ ନିୟନ୍ତ୍ରଣରେ ରଖିବା ପରେ ଗର୍ଭ ଧାରଣ କରିଥାନ୍ତି। ସେହିପରି ଯୌନ ସମ୍ପର୍କ ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ଏକ ସ୍ୱାସ୍ଥ୍ୟଗତ କାରଣ ଭାବେ ଦେଖାଯାଇଥାଏ। ଯୌନ ସମ୍ପର୍କ ସମୟରେ ଯୌନାଙ୍ଗ ଯଦି ସଂକ୍ରମଣ ହୋଇ ଏଥିରେ ପ୍ରମେହ ରୋଗ ହୋଇଥିଲେ ପ୍ରଜନନ କ୍ଷମତା ହ୍ରାସ ପାଏ। ଫଳରେ ଦମ୍ପତି ସହଜରେ ପିତାମାତା ହୋଇପାରନ୍ତି ନାହିଁ। ଆଜିକାଲି ଫିଟ୍‌ଫାଟ୍ ରହିବା ସହ ସୁନ୍ଦର ଓ ସତେଜତା ପାଇଁ କେବଳ ମହିଳାମାନେ ନୁହେଁ ଯୁବତୀମାନେ ନାନା ପ୍ରକାର ଟିପ୍ସ ଗ୍ରହଣ କରିବା ସହ ନିଜେ ନିଜେ ଡାକ୍ତର ବନିଯାଇ ବିଭିନ୍ନ ପ୍ରକାର ବ୍ୟାୟାମ ଚାଲୁ ରଖନ୍ତି। ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ମତ ବା ପରାମର୍ଶ ନନେଇ ଟିଭି ଚ୍ୟାନେଲରେ ପ୍ରସାରିତ ବିଭିନ୍ନ ପ୍ରକାର ବ୍ୟାୟାମ ଦେଖି ନିଜେ ଫିଟ୍ ରହିବାକୁ ଚେଷ୍ଟା କରିଥାନ୍ତି। ତେବେ କଥା ହେଉଛି ସ୍ଲିମ୍ ଓ ଶକ୍ତିଶାଳୀ ହେବାରେ ବ୍ୟାୟାମ ସହାୟକ ହୁଏ। ହେଲେ ମହିଳାମାନେ ସ୍ଲିମ୍ ହେବା ଲକ୍ଷ୍ୟରେ ଆବଶ୍ୟକତା ଠାରୁ ଅଧିକ ବ୍ୟାୟାମ କରନ୍ତି। ଏହା ଗର୍ଭାଶୟ ଉପରେ ପ୍ରଭାବ ପକାଏ। ଫଳରେ ପ୍ରଜନନ କ୍ଷମତା ହ୍ରାସ ପାଏ। ଆଜିକାଲି ସ୍ତ୍ରୀ ଲୋକମାନେ ମୋଟା ହୋଇ ଯାଉଛନ୍ତି। ସ୍ଲିମ୍ ହେବା ପାଇଁ ଯେଉଁ ମହିଳାମାନେ ସପ୍ତାହକୁ ୫ ଘଣ୍ଟାରୁ ଅଧିକ ବ୍ୟାୟାମ କରନ୍ତି ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଏ। ସେମାନେ ମା' ହେବା ମଧ୍ୟ କଷ୍ଟସାଧ୍ୟ ହୋଇଥାଏ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବା ହାଇସୋସାଇଟିରେ ଷ୍ଟାଟସ୍ ଦେଖାଇବା ହେଉ ବା ନିଜର ଅଭ୍ୟାସ। କେତେକ ମହିଳାମାନେ ମଦ୍ୟପାନ ବା ପ୍ରଚୁର ଧୂମପାନ, କେହି କେହି ବିଭିନ୍ନ ପ୍ରକାର ନିଶା ସେବନରେ ଅଭ୍ୟସ୍ତ ହୋଇଯାଇଥାନ୍ତି। କେତେକ କ୍ଷେତ୍ରରେ ଦେଖାଯାଏ ମହିଳାମାନେ ନିୟମିତ ଭାବରେ ପ୍ରତିଦିନ ନିଶାସେବନ କରିଥାନ୍ତି କିନ୍ତୁ ଏହା ସେମାନଙ୍କ ପ୍ରଜନନ କ୍ଷମତା ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ ଖୁବ୍ କମ୍ ଦିନରେ ସେମାନେ ପ୍ରଜନନ କ୍ଷମତା ହରାଇଥାନ୍ତି। ମଦ୍ୟପାନ ଯୋଗୁଁ ମଧ୍ୟ ମହିଳାଙ୍କ ପ୍ରଜନନ କ୍ଷମତା ହ୍ରାସ ହୋଇଥାଏ। ମଦ୍ୟପାନ କରୁଥିବା ମହିଳାଙ୍କ ହର୍ମୋନ୍‌ରେ ସନ୍ତୁଳନ ରହେନାହିଁ। ଏହା ପ୍ରଜନନ କ୍ଷମତା ଉପରେ ପ୍ରଭାବ ପକାଏ। ପ୍ରାୟ ୭ ହଜାର ମହିଳାଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ଦେଖାଯାଇଥିଲା ଯେ ଯେଉଁମାନେ ଅଧିକ ପରିମାଣରେ ମଦ୍ୟପାନ କରୁଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇଥିଲା। ଗର୍ଭଧାରଣ ପାଇଁ ଯୋଜନା କରୁଥିଲେ ମଦ୍ୟପାନ ଛାଡ଼ିଦିଅନ୍ତୁ। ମଦ୍ୟପାନ ଯୋଗୁଁ ମଧ୍ୟ ସମୟ ପୂର୍ବ ପ୍ରସବ ହୋଇଥାଏ। ଯାହାକି ମା' ଓ ଛୁଆଁ ପାଇଁ ବିପଦ। କଥାରେ ଅଛି ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି ତେବେ ମହିଳାଙ୍କ କ୍ଷେତ୍ରରେ ଚିନ୍ତା କେବଳ ଗଣ୍ଡିକୁ କ୍ଷତି ପହଞ୍ଚାଇ ନଥାଏ ବରଂ ଏହି ଚିନ୍ତା ସେମାନଙ୍କ ପ୍ରଜନନ କ୍ଷମତାକୁ ପ୍ରଭାବିତ କରିଥାଏ। ଏ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ଜରୁରୀ। ପ୍ରଜନନ କ୍ଷମତା ହ୍ରାସ କରିବାରେ ଚିନ୍ତା ଅନ୍ୟତମ ମୁଖ୍ୟ କାରଣ। ଯେଉଁ ମହିଳାମାନେ ସର୍ବଦା ଚିନ୍ତାଗ୍ରସ୍ତ ରହିଥାନ୍ତି, ସେମାନେ ଚାହିଁଲେ ବି ଗର୍ଭଧାରଣ କରିପାରନ୍ତି ନାହିଁ। କାରଣ ସେମାନଙ୍କର ପ୍ରଜନନ କ୍ଷମତା ବହୁତ କମକ୍। ଚିନ୍ତା ପ୍ରଜନନ ହର୍ମୋନର ସ୍ତରକୁ ବହୁତ କମେଇ ଦେଇଥାଏ। ତେଣୁ ଚିନ୍ତା ଦୂର କରିବା ପରେ ହିଁ ଜଣେ ମା' ହେବାର ଦକ୍ଷତା ଫେରି ପାଇଥାଏ। ସେହିପରି ଧୂମପାନ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ଆମେରିକାର ଏକ ସର୍ଭେରୁ ଜଣାପଡ଼ିଛି ପ୍ରାୟ ୧୩ ପ୍ରତିଶତ ମହିଳାଙ୍କ ଧୂମପାନ ଯୋଗୁଁ ପ୍ରଜନନ କ୍ଷମତା ହ୍ରାସ ପାଇଛି। ଧୂମପାନ କରୁଥିବା ମହିଳାଙ୍କ ସନ୍ତାନର ମଧ୍ୟ ପ୍ରଜନନ କ୍ଷମତା ହ୍ରାସ ପାଏ। ସିଗାରେଟରେ ଥିବା କେମିକାଲ ହର୍ମୋନକୁ ଅସନ୍ତୁଳନ କରିବା ସହ ଡିଏନ୍ଏ ଉପରେ ପ୍ରଭାବ ପକାଏ। ଉଭୟ ମହିଳା ଓ ପୁରୁଷ ଏଥିରେ ପ୍ରଭାବିତ ହୋଇଥାନ୍ତି। ତେବେ ପ୍ରଜନନ କ୍ଷମତା ହ୍ରାସ ହେବା ପୂର୍ବରୁ ମହିଳାମାନେ ନିଶ୍ଚିତ ଭାବରେ ଏହାକୁ ଜାଣି ପାରିବେ। ଏ କ୍ଷେତ୍ରରେ ତୁରନ୍ତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ଜରୁରୀ।

# ସରକାରୀ ଅଧିକାରୀଙ୍କ ସହ ସାଧାରଣ ଜନତାଙ୍କ ସିଧାସଳଖ ଆଲୋଚନା କାର୍ଯ୍ୟକ୍ରମ




କୋଣାର୍କ (ପିଏନ୍)-ଗତ ଗୁରୁବାର ଦିନ କୋଣାର୍କର ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ସରକାରୀ ଅଧିକାରୀଙ୍କ ସହ ସାଧାରଣ ଜନତାଙ୍କ ସିଧାସଳଖ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କାକଟପୁର ବି.ଡି.ଓ ଡଃ.ତୁଷାର ଜ୍ୟୋତିରଂଜନ, ଅସ୍ତରଙ୍ଗ ବି.ଡି.ଓ ଡଃ.ବେବିତା ମଞ୍ଜରୀ ନାୟକ,ପୁରୀ ଡି.ସି.ପି.ଓ ଶ୍ରୀଯୁକ୍ତ ମନୋଜ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରକାଶଚନ୍ଦ୍ର ଖଟୋଇ, ଶିଶୁ ମଙ୍ଗଳ କମିଟୀ ସଦସ୍ୟ ଶ୍ରୀଯୁକ୍ତ ରମାଶଙ୍କର ପାତ୍ର ଏବଂ ଶକ୍ତିପଦ ମିଶ୍ର, କୋଣାର୍କ ଏନ୍.ଏ.ସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ରେଡିଓ ନମସ୍କାରର ଅଧକ୍ଷ ଏନ୍.ଏ.ଶାହଃ ଅନ୍‌ସାରୀ, ଗାନ୍ଧୀବାଦି ପ୍ରବକ୍ତା ଏସ୍.ଏ.ସଫିକ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ, କାକଟପୁର ଏବଂ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରୁ ୧୦୦ରୁ ଉର୍ଦ୍ଧ ମହିଳା, ଯୁବକ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗଦେବା ସହିତ ନିଜର ଅସୁବିଧା ସଂପର୍କରେ ସରକାରୀ ଅଧିକାରୀଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ କିଭଳି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇପାରିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। କରୋନା ମହାମାରୀ ସମୟରେ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କର ଶିକ୍ଷାଦାନ ବାଧାପ୍ରାପ୍ତ ନହେବା ନିମନ୍ତେ ସରକାରଙ୍କ ବିଭିନ୍ନ ଶିଶୁମଙ୍ଗଳକାରୀ ଯୋଜନା ସଂପର୍କରେ ମନୋଜ କୁମାର ତ୍ରିପାଠୀ ସୂଚନା ଦେଇଥିଲେ। ବସୁନ୍ଧରା ଯୋଜନାରେ ଭୂମିହୀନ ଲୋକ କିଭଳି ଜମି ପାଇପାରିବେ ସେ ସଂପର୍କରେ ଶ୍ରୀ ତୁଷାର ଜ୍ୟୋତିରଞ୍ଜନ ସୂଚନା ଦେଇଥିଲେ। ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀମାନେ ସଠିକ୍ ପ୍ରଣାଳୀରେ ଆବେଦନ କରିବା ସହିତ ଆବଶ୍ୟକ କାଗଜପତ୍ର ମଣ୍ଡଳ ଅଫିସରେ ଦାଖଲ କରିବା ପାଇଁ ଡଃ.ବେବିତା ମଞ୍ଜରୀ ନାୟକ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ ସଂଗଠନ ୟଙ୍ଗଇଣ୍ଡିଆ, ଆକ୍ସନ୍‌ଏଡ୍, ମୋଟୋରୋଲା ସଲ୍ୟୁସନ୍ସ ଫାଉଣ୍ଡେସନ ଓ ରେଡିଓ ନମସ୍କାରର ମିଳିତ ଭାବେ ଏ କାର୍ଯ୍ୟକୁ ଆୟୋଜନ କରିଥିଲେ । ରୋଜାଲିନ୍ ପ୍ରଧାନ, ଅନ୍ଦାଜ ଆରନ୍, ଟିକିନା ରାଉତ, ନଜମା ବେଗମ ଏବଂ ଏସ୍ କାଜଲ ଆଦି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବିଜେଡିର ଏକ ମିଶ୍ରଣ ପର୍ବ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସମ୍ପାରୁ ପଞ୍ଚାୟତର ବହୁ ବିଜେପି କର୍ମୀ ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ। ଧର୍ମଶାଳା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସଂପାଦକ ପ୍ରଣବ କୁମାର ବଳବନ୍ତରାୟ ନବାଗତ କର୍ମୀମାନଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ସମ୍ପାରୁ ପଞ୍ଚାୟତର ଗୋକୁଳ ସେନାପତି, କୈଳାସ ଚନ୍ଦ୍ର ଓଝା, ଗୋପାଳକୃଷ୍ଣ ଭାରତୀ, କେଶବ ଚନ୍ଦ୍ର ମହାରଣା, ଜଗବନ୍ଧୁ ଦାଶ, ଶ୍ରୀଧର ଓଝା, ଭିକାରୀ ଦାଶ, ରାଜେଶ ଭାରତୀ, ରିତ ଭାରତୀ, ପ୍ରକାଶ ଭାରତୀ, ନୃସିଂହ ଭାରତୀ, ଇଶ୍ୱର ସେନାପତି, ପ୍ରାଣକୃଷ୍ଣ ସେନାପତି, ଧରଣୀଧର ଭାରତୀ, ଧର୍ମେନ୍ଦ୍ର ମହାରଣା, ନିରନ ଭାରତୀ, ବିଶ୍ୱଜିତ୍ ସାହୁ, ପ୍ରକାଶ ଓଝା, ପ୍ରହ୍ଲାଦ ଓଝା, ରମେଶ ଓଝା, ସୁରେନ୍ଦ୍ର ଓଝା, ଦୀପକ ସାହୁ, ଆଲୋକ ସାହୁ, ପ୍ରତାପ ଭାରତୀ, ନିମାଇଁ ଚରଣ ଭାରତୀ, ଅନାମ ଚରଣ ଭାରତୀ, ରାମଚନ୍ଦ୍ର ଭାରତୀ, ନକୁଳ ଭାରତୀ, ଚନ୍ଦ୍ରମଣି ମଳିକ, ସଂ'ୋଷ ମଳିକ, ସତ୍ୟଜିତ୍ ଭାରତୀ, ଚିନ୍ମୟ ଭାରତୀ, ବିଶ୍ୱଜିତ୍ ଭାରତୀ, ସିପୁ ଜେନା ଓ ମନୋଜ ମଳିକ ବିଜେଡିରେ ଯୋଗଦେବା ପରେ ଧର୍ମଶାଳା ବିଜେଡି ଅଧିକ ମଜବୁତ ହେଲା ବୋଲି ଦଳ ପକ୍ଷରୁ କୁହାଯାଇଛି । ବ୍ଲକ ବିଜେଡି ସଭାପତି ଜଳଧର ମହାଁ, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଦୁଃଶାସନ ସାହୁ, ଯୁବନେତା ପ୍ରତାପ କୁମାର ପ୍ରଧାନ ପ୍ରମୁଖ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ ।

# ଆବର୍ଜନାରୁ ସଂଗ୍ରହ କରୁଛନ୍ତି ଅମୂଲ୍ୟ ଜୀବନ



ଭୁବନେଶ୍ୱର (ପିଏନ୍): ପର୍ଯ୍ୟାବରଣକୁ ସୁସ୍ଥ, ସୁନ୍ଦର ଓ ସବୁଜିମା ରଖିବା ଲାଗି ରାଜଧାନୀ ଭୁବନେଶ୍ୱରର ରାସ୍ତାକଡ଼ରେ ଲାଗିଛି ଶହ ଶହ ପ୍ରଜାତିର ବୃକ୍ଷ। ପ୍ରତ୍ୟେହ ବୃକ୍ଷ ଗୁଡ଼ିକରୁ ଫୁଲ, ପତ୍ର, ବିହନ, ଝଡ଼ି ତଳେ ପଡ଼ିଥାଏ। ସକାଳ ପାହିଲେ ସଫେଇ କର୍ମଚାରୀ ଏହାକୁ ଓଳାଇ ଗଛ ମୂଳରେ ହେଉ ଅଥବା ରାସ୍ତା କଡ଼ରେ ଗଦାଇଥାନ୍ତି। ଆଉ କିଛି ରାସ୍ତା କଡ଼ରେ ବସି ଫଳ ବ୍ୟବସାୟ କରୁଥିବା ବ୍ୟବସାୟୀ ମଧ୍ୟ ନିଜର ପଚିସଢ଼ି ଯାଇଥିବା ଫଳଗୁଡ଼ିକୁ ରାସ୍ତା କଡ଼ରେ ମଧ୍ୟ ଗଦାଇ ଦେଇଥାନ୍ତି। ପରବର୍ତ୍ତୀ ସମୟରେ ଆବର୍ଜନା ବୁହା ଗାଡ଼ିରେ ଏଗୁଡ଼ିକୁ ଡ଼ମ୍ପିଂୟାର୍ଡ଼କୁ ସ୍ଥାନାନ୍ତରିତ କରାଯାଇଥାଏ। ଯାହା ଆମେ ନିତିଦିନ ଦେଖିବାକୁ ପାଇଥାଉ। ସତେଯେପରି ଆମକୁ ଲାଗିଥାଏ ଏଗୁଡ଼ିକ ଅଦରକାରୀ ଓ ମୂଲ୍ୟହୀନ। କିନ୍ତୁ ଏହି ଅଦରକାରୀ ମୂଲ୍ୟହୀନ ଜିନିଷ ଭିତରେ ଥାଏ ଅନେକ ଅମୂଲ୍ୟ ଜୀବନ। ଏହି ଅମୂଲ୍ୟ ଜୀବନ ଗୁଡ଼ିକୁ ଖୋଜି ସଂଗ୍ରହ କରିବାରେ ଲାଗିଛନ୍ତି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ଏ ସମ୍ପର୍କରେ ସୁଶାନ୍ତ କୁହନ୍ତି, ଏ ଅମୂଲ୍ୟ ଜୀବନ ଗୁଡ଼ିକ ହେଉଛି ବିଭିନ୍ନ ଗଛରୁ ପଡ଼ିଥିବା ନାନା କିସମର ବିହନ ଓ ପଚିସଢ଼ି ଯାଇଥିବା ବିଭିନ୍ନ ଫଳର ବିହନ। ଏହି ବିହନ ଗୁଡ଼ିକରେ ଥାଏ ଯଥେଷ୍ଟ ଶକ୍ତି ଓ ଜୀବନ। ଏଗୁଡ଼ିକୁ ଜୀବନ୍ୟାସ ଦେବା ପାଇଁ ମାଟି, ଜୈବିକସାର ଓ ବିହନ ମିଶାଇ ବିହନ ପେଣ୍ଡୁ ପ୍ରସ୍ତୁତ କରାଯାଇଥାଏ। ତା'ପରେ ଏଗୁଡ଼ିକ ଖରାରେ ଶୁଖାଯାଇଥାଏ। ଶୁଖିଗଲା ପରେ ଏହି ଅମୂଲ୍ୟ ଜୀବନଗୁଡ଼ିକୁ ବର୍ଷା ସମୟରେ ଖାଲି ସ୍ଥାନରେ ନିକ୍ଷପ କରାଯାଇଥାଏ। ପରବର୍ତ୍ତୀ ସମୟରେ ଏହା ଜୀବନରେ ରୂପାନ୍ତରିତ ହୋଇଥାଏ। ସଂଗୃହୀତ ବିହନଗୁଡ଼ିକୁ ବିହନ ପେଣ୍ଡୁ ପ୍ରସ୍ତୁତ କରାଯାଇ ପତିତ ଜମି ଓ ଜଙ୍ଗଲରେ ଥିବା ଖାଲି ସ୍ଥାନରେ ନିକ୍ଷେପ କରାଯିବ। ପରବର୍ତ୍ତୀ ସମୟରେ ଏହା ଏକ ସୁନ୍ଦର ସବୁଜିମା ସୃଷ୍ଟିରେ ବେଶ୍ ସହାୟକ ହୋଇପାରିଥାଏ ବୋଲି ସୁଶାନ୍ତ କହିଛନ୍ତି। ସଂଗୃହୀତ ବିହନ ଭିତରେ ରହିଛି ପେସ୍ତା, ପଣସ, ଚମ୍ପା, ବେଲ ଇତ୍ୟାଦି। ପାଖାପାଖି ୫ ହଜାରରୁ ଉର୍ଦ୍ଧ୍ୱ ବିହନ ଏଯାବତ୍ ସଂଗ୍ରହ କରିସାରିଲେଣି ସେ। ପ୍ରତ୍ୟହ ଘରୁ ବାହାରୁଥିବା ବିଭିନ୍ନ ପନିପରିବା ହେଉ କି ଫଳ ହେଉ, ସେଥିରୁ ବାହାରୁଥିବା ବିହନଗୁଡ଼ିକୁ ଅଳିଆ ଡ଼ବାରେ ନ ପକାଇ ବିହନ ପେଣ୍ଡୁ ଜରିଆରେ ପତିତ ଜମିରେ ନିକ୍ଷେପ କରି ପରିବେଶ ସୁରକ୍ଷା ଦିଗରେ ସାମିଲ ହେବା ପାଇଁ ଶ୍ରୀ ସାହୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପରିବେଶ ପାଇଁ ଏହା ବହୁ ମୂଲ୍ୟବାନ। ଯାହା ତୁଳନା କରାଯାଇପାରିବ ନାହିଁ। ସୁଶାନ୍ତଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ବେଶ୍ ପ୍ରଶଂସା କରାଯାଇଛି।

# ଶ୍ରମିକଙ୍କ ଘରୁ ସୁନା ଅଳଙ୍କାର ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅ'ର୍ଗତ ଚୋରମୁହାଁ ପଂଚାୟତ ନାଉପାଳ ଗ୍ରାମର ଶ୍ରମିକ ଅଧିର ବାରିକଙ୍କ ଘରୁ ଦିନ ଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଯାଇଛି । ଏ ସଂପର୍କରେ ଅଧିରଙ୍କ ପତ୍ନୀ ଉର୍ବଶୀ ବାରିକ ଥାନାରେ ଲିଖିତ ଅଭିଯୋଗ କରିଛ଼ି । ଅଭିଯୋଗ ପାଇ ପୁଲିସ୍ ଅଧିରଙ୍କ ଘରେ ପହଁଚି ତଦ' ଆରମ୍ଭ କରିଥିଲେ ହେଁ, ଚୋରି ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ପ୍ରକାଶ ଯେ, ଅପରାହ୍ଣ ପ୍ରାୟ ୪ଟା ସମୟରେ ଅଧିରଙ୍କ ଘରେ କେହି ନଥିଲେ । ଏହି ସମୟରେ ଘରେ କେହି ପଶି ବିଦ୍ୟୁତ୍ ଲାଇନ୍ କାଟି ଦେଇଛି । ପରେ ତାଙ୍କ ଷ୍ଟିଲ୍ ଆଲମିରା ଚାବି ଖୋଲି ଏଥିରେ ଥିବା ୨ଟି ସୁନା ଚେନ୍, ଗୋଟିଏ ମଙ୍ଗଳସୂତ୍ର ଓ ୪ଟି ଲକେଟ୍ ଲୁଟି ନେଇଛି । ଅଧିରଙ୍କ ଘରେ କେହି ନଥିବାର ସୁଯୋଗ ନେଇ କେହି ଠାଉରିଆ ଚୋର କଳାକନା ବୁଲେଇ ଦେଇଥିବା ସନ୍ଦେହ କରାଯାଉଛି । ଅଧିର ଜଣେ ଗରିବ ଶ୍ରେଣୀୟ ଦିନ ମଜୁରିଆ ହୋଇଥିବାରୁ ଚୋରି ଘଟଣା ପରେ ସେ ଭାଙ୍ଗି ପଡିଛ଼ି । ତୁର' ଚୋରକୁ ଗିରଫ କରିବା ସହିତ ଚୋରି ସୁନା ଅଳଙ୍କାର ଜବତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ବନଜ୍ୟୋତି ସାହିତ୍ୟ ପତ୍ରିକା ଉନ୍ମୋଚନ

ଚଣ୍ଡିଖୋଲ (ପିଏନ): ବନଜ୍ୟୋତି ସାହିତ୍ୟ ପତ୍ରିକା ସାରଦୀୟ ବିଶେଷାଙ୍କକୁ ଚଣ୍ଡିଖୋଲ ପ୍ରେସ୍‌କ୍ଲବ କାର୍ଯ୍ୟାଳୟରେ ଉନ୍ମୋଚନ କରାଯାଇଛି। ଚଣ୍ଡିଖୋଲ ପ୍ରେସ କ୍ଲବର ସଭାପତି ତଥା କଳିଙ୍ଗପ୍ରଭା ସମ୍ପାଦକ ପବିତ୍ର କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବନଜ୍ୟୋତି ସାହିତ୍ୟ ପତ୍ରିକାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଉନ୍ମୋଚିତ କାର୍ଯ୍ୟକ୍ରମରେ ବନଜ୍ୟୋତିର ସମ୍ପାଦକ ଆଇନଜୀବୀ ବୃନ୍ଦାବନ କର, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍‌ର ସଭାପତି ଆଇନଜୀବୀ ଦେବରାଜ ବେହେରା, ପ୍ରେସକ୍ଲବର ସମ୍ପାଦକ ଦୀଲ୍ଲିପ କୁମାର ମହାନ୍ତି, ସାମ୍ବାଦିକ ଶିବରାମ ସାହୁ, ମୋହନ ଖିଲାର, ପ୍ରତାପ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ବନଜ୍ୟୋତି ସାହିତ୍ୟ ପତ୍ରିକା ଦୀର୍ଘ ୪୧ ବର୍ଷ ଧରି ପ୍ରକାଶିତ ହେଉଅଛି। ସମାଜରେ ସାହିତ୍ୟର ପ୍ରତିଭାକୁ ପ୍ରସାର କରିବା ପାଇଁ ଓ ଓଡ଼ିଶା ଭାଷା ସାହିତ୍ୟକୁ ପ୍ରସାରିତ କରିବା ପାଇଁ ବୃନ୍ଦାବନ କର ନିରବଚ୍ଛିନ୍ନ ଭାବେ ଏହି ବନଜ୍ୟୋତି ପତ୍ରିକାକୁ ପ୍ରକାଶିତ କରିଥିବାରୁ ମୁଖ୍ୟଅତିଥି ଶ୍ରୀ ପରିଡ଼ା ତାଙ୍କୁ ପ୍ରଶଂସା କରିଥିଲେ।

# ମମିତା ହତ୍ୟା ଘଟଣାରେ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଯାଜପୁର (ପିଏନ୍): ବହୁଚର୍ଚ୍ଚିତ ମମିତା ମେହେରଙ୍କ ହତ୍ୟା ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସିଧାସଳଖ ସମ୍ପୃକ୍ତିକୁ ନେଇ ଯାଜପୁର ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଘଟଣାରେ ସିବିଆଇ ତଦନ୍ତ ଦାବି କରିବା ସହିତ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ସହିତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରି ଗରିଫ୍ କରିବା ଦାବିରେ ଯାଜପୁର ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଅନନ୍ତ ଦାସଙ୍କ ନେତୃତ୍ୱରେ ଶତାଧିକ ଛାତ୍ର ଛାତ୍ରକଂଗ୍ରେସ କର୍ମୀମାନେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ୍‌ଜୁଟ୍ ହୋଇ ଏକ ରାଲିଯୋଗେ ସହର ପରିକ୍ରମା କରିବା ପରେ ଗାନ୍ଧୀଛକ ଠାରେ ଥିବା ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଓ ପରେ ପରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ଗୃହରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ତୁରନ୍ତ ବହିଷ୍କାର କରି ମୃତ ମମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଯାଜପୁର ବିଧାନସଭାର ନେତା ସନ୍ତୋଷ ନନ୍ଦ, ଛାତ୍ର କଂଗ୍ରେସର ଜିଲ୍ଲା ପ୍ରଭାରି ବିପ୍ଳବ ପରିଡ଼ା, କୋରେଇ ଯୁବ କଂଗ୍ରେସର ପ୍ରୀୟବ୍ରତ ସାହୁ, ଉପସଭାପତି କଳିଙ୍ଗ ସିଂହ, କୋରେଇ ସାଧାରଣ ସମ୍ପାଦକ ଅଭିନାଶ ନାୟକ, ଯାଜପୁର ଛାତ୍ର କଂଗ୍ରେସର ଉପ-ସଭାପତି ସତ୍ୟବ୍ରତ ଗୁରୁ, ଯଜାତିକେଶରୀ ନାୟକ, ସୌମ୍ୟରଞ୍ଜନ ବଳ, ରାକେଶ ନଟିଆ, ସାଧାରଣ ସମ୍ପାଦକ ଉତ୍କଳ କେଶରୀ ପାଣିଗ୍ରାହୀ, ବିକାଶ ବେହୁରିଆ, ସୁନିଲ୍ ସାମଲ, ସଦାଶିବ ତ୍ରିପାଠୀ, ଯାଜପୁର ବିଧାସଭା ମଣ୍ଡଳୀର ଛାତ୍ର କଂଗ୍ରେସ ସଭାପତି ସତ୍ୟବ୍ରତ ନାୟକ, ଶତିସ୍ ଶିବସୁନ୍ଦର ମଲ୍ଲିକ, ସୌମ୍ୟରଞ୍ଜନ ମିଶ୍ର ଓ ଛାତ୍ର ସମ୍ପାଦକ ଆଶୁତୋଷ ପୃଷ୍ଟି, ସଂଜିବ କୁମାର ଦାସ, ପ୍ରକାଶ ନାୟକ, ଅଭିରାମ ଜେନା, ତ୍ରିଲୋଚନ ମହନ୍ତ, ବାବୁ ସ୍ୱାଧିନ ପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭରେ ସାମିଲ ହୋଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଘଟିଲୋ ଓ ବିନିଦା ପଂଚାୟତରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଘଟଗାଁ, (ପିଏନ): ଚଳିତ ବର୍ଷ ଅକ୍ଟୋବର୨ ତାରିଖ ଗାନ୍ଧି ଜୟନ୍ତି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଅକ୍ଟୋବର୨ ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ କୋରୋନା ଜନସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଘଷିପୁରା ବ୍ଲକ ର ପୂର୍ବତନ ଅଧକ୍ଷ ଶ୍ରୀଯୁକ୍ତ ଦେବାଶିଷ ପାତ୍ର ଙ୍କ ନେତୃତ୍ୱ ରେ ଘଟଗାଁ ବ୍ଲକର ବିନିଦା ଓ ପଟିଲୋ ଗ୍ରାମପଂଚାୟତ ରେ ଗତ ଶୁକ୍ରବାର ଦିନ କୋରୋନା ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳ ୧୦ ଘଟିକା ସମୟରୁ ଦେବାଶିଷ ପାତ୍ରଙ୍କ ସମେତ ଉକ୍ତ ଦୁଇଟି ପଂଚାୟତରୁ ଅନେକ ଯୁବକ ଏବଂ ମହିଳା ଉତ୍ସାହ ସହକାରେ ବାହାରି ସାମାଜିକ ଦୂରତା ବଜାଇ ରଖି ଗାଁ ଗାଁ ଭ୍ରମଣ କରି କରୋନା ମହାମାରି ସମ୍ବନ୍ଧରେ ସଚେତନତାର ବାର୍ତା ପ୍ରଦାନ କରିଥିଲେ । ତାସହିତ ମାସ୍କ ପିନ୍ଧିନଥିବା ବ୍ୟକ୍ତିଙ୍କ ମାସ୍କ ଦେବା ସହିତ ମାସ୍କ ସର୍ବଦା ବ୍ୟବହାର କରନ୍ତୁ ଏବଂ ସାମାଜିକ ଦୂରତା ବଜାଇ ରଖି ଚଳପ୍ରଚଳ କରନ୍ତୁ ବୋଲି ଲୋକଙ୍କ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ରେ ଘଟଗାଁ ବ୍ଲକ ବିଜୁ ମହିଳା ଜନତା ଦଳ ର ସଭାନେତ୍ରୀ ଶ୍ରୀମତୀ ପୁଷ୍ପଲତା ରାଉତ, ଘଷିପୁରା ନିର୍ବାଚନ ମଣ୍ଡଳୀର ବିଜେଡି ସୋସିଆଲ ମିଡିଆ ସେଲ ସଭାନେତ୍ରୀ ତଥା ଘଟଗାଁ ଜୋନ ବିଜୁ ମହିଳା ଜନତା ଦଳର ଉପସଭାପତି ରଂଜିତା ରାଉତ, ଢେଙ୍କିକୋଟ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ସୁମିତ୍ରା ମହାନ୍ତ, ସରପଂଚ ପଟିଲୋ ଗ୍ରାମପଂଚାୟତ ରଂଜନ ନାଏକ, ପୁରୁମୁଣ୍ଡା ଗ୍ରାମପଂଚାୟତ ସରପଂଚ ରବି ମୁଣ୍ଡା, ପୁରୁମୁଣ୍ଡା ସମିତି ସଭ୍ୟ ରଂଜିତ ବେହେରା, ଦୁର୍ଯ୍ୟଧାନ ବାରିକ, ଫକୀର ସାହୁ, ଜୟକୃଷ୍ଣ ଦଣ୍ଡପାଟ, ପଟେଲ ମହାନ୍ତ, ପବିତ୍ର ପରିଡା, ଖଗେଶ୍ୱର ମହାନ୍ତ, ଗୁରୁଚରଣ ମହାପାତ୍ର, ମଙ୍ଗୁଲୁ ନାଏକ, ମାଧବାନନ୍ଦ ମହାନ୍ତ, ମାର୍କଣ୍ଡ ସୁଳିଆ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଯୁବ ନେତା ସିକନ ପାଢୀ,ବିକ୍ରମ ଜେନା, ମୁନା ପଣ୍ଡା, ରତନ ପଲେଇ, ପ୍ରମୁଖ ସହଯୋଗ କରିଥିଲେ ।

## ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଯୁବ ମୋର୍ଚ୍ଚାର ଭୁବନେଶ୍ୱର ଡିସିପି ଅଫିସ୍ ଘେରାଉ

ଭୁବନେଶ୍ୱର, (ପି.ଏନ): ମମିତା ମେହେରଙ୍କ ହତ୍ୟା ଘଟଣାରେ ରାଜ୍ୟ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ବହିଷ୍କାର, ଗିରଫ ସହ ସିବିଆଇ ତଦନ୍ତ ଦାବିରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପିର ଯୁବ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ଡ଼ିସିପି ଅଫିସ ଘେରାଉ କରାଯାଇଛି । ଗୁରୁବାର ପୂର୍ବାହ୍ନରେ ଶତାଧିକ ସଂଖ୍ୟାରେ ଯୁବ ମୋର୍ଚ୍ଚା କର୍ମୀ ନାରାବାଜି କରି ଭୁବନେଶ୍ୱର ବାଣୀବିହାର ଛକ ସ୍ଥିତ ଡିସିପି ଅଫିସ୍ ଘେରାଉ କରିଥିଲେ । ଆନ୍ଦୋଳନକାରୀ ମାନେ ବ୍ୟାରିକେଟ୍ ଡେଇଁ ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା । ଫଳରେ ପୋଲିସ୍ ଆନ୍ଦୋଳନକାରୀ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୋଲିସ୍ ବହୁ ସଂଖ୍ୟାରେ ଆନ୍ଦୋଳନକାରୀଙ୍କୁ ଉଠାଇ ଅଟକ ରଖିଛି । ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରଶ୍ମୀରଂଜନ ମୁଦୁଲିଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତାମାନେ ଘେରାଓ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ଜିଲ୍ଲା ସଭାପତି ବାବୁ ସିଂ, ରାଷ୍ଟ୍ରୀୟ ଉପସଭାପତି ଅର୍ପିତା ଅପରାଜିତା ବଡଜେନା, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ଯୁବମୋର୍ଚ୍ଚା ରାଜ୍ୟ ସଂପାଦକ ମନୋଜ ପଶ୍ଚିମକବାଟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁନୀଲ ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମନ୍ଦାକିନୀ ପାତ୍ର, ଯୁବମୋର୍ଚ୍ଚା ରାଜ୍ୟ ମିଡିଆ ସଂଯୋଜକ ସୁଜିତ ସାହୁପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ସାମିଲ ହୋଇଥିଲେ । ପୋଲିସ ଶହ ଶହ କାର୍ଯ୍ୟକର୍ତାଙ୍କୁ ଗିରଫ କରିଥିଲା । ପୋଲିସର ଅତ୍ୟାଧିକ ବଳପ୍ରୟୋଗ କାରଣରୁ ବହୁ କାର୍ଯ୍ୟକର୍ତା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି ।

# ପୂର୍ବତଟ ରେଳପଥ ମଧ୍ୟରେ ଚାଲିବ ୭ ଯୋଡ଼ା ପୂଜା ସ୍ପେଶାଲ୍ ଟ୍ରେନ୍

ଭୁବନେଶ୍ୱର, (ପି.ଏନ): ରେଳ ଯାତ୍ରୀମାନଙ୍କ ସୁବିଧା ପାଇଁ ଏବଂ ଏହି ପାର୍ବଣ ଋତୁରେ ଯାତ୍ରୀମାନଙ୍କ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ ଭାରତୀୟ ରେଳବାଇ ଚଳିତ ବର୍ଷ ଦୁର୍ଗା ପୂଜା ଠାରୁ ଛଟ ପୂଜା ପର୍ଯ୍ୟନ୍ତ ୧୧୦ ଟି ସ୍ୱତନ୍ତ୍ର ଟ୍ରେନର ୬୬୮ ଟି ଟ୍ରିପ ଯାତ୍ରା କରାଉଛି । ଏହା ବ୍ୟତୀତ ନିୟମିତ ଟ୍ରେନରେ କୋଚମାନଙ୍କର ବୃଦ୍ଧି ଏବଂ ବର୍ଥ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯାଉଛି । ରେଳ ସେକ୍ଟରରେ ଦେଶର ପ୍ରମୁଖ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଯୋଜନା କରାଯାଇଛି । ମୋଟାମୋଟି ସାତ ଯୋଡି ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ରୁ ଏବଂ ଏହା ମଧ୍ୟଦେଇ ଚଳାଚଳ କରୁଛି । ଏହି ଟ୍ରେନ୍ ଗୁଡିକ ହେଉଛି - ୦୮୫୭୯/୦୮୫୮୦ ବିଶାଖାପାଟନମ୍-ସିକନ୍ଦରାବାଦ-ବିଶାଖାପାଟନମ୍ ସ୍ପେଶାଲ୍, ୦୮୫୮୩/୦୮୫୮୪ ବିଶାଖାପାଟନମ୍-ତିରୁପତି-ବିଶାଖାପାଟନମ୍ ସ୍ପେଶାଲ୍, ୦୮୫୮୫/୦୮୫୮୬ ବିଶାଖାପାଟନମ୍-ସିକନ୍ଦରାବାଦ-ବିଶାଖାପାଟନମ୍ ସ୍ପେଶାଲ୍, ୦୮୪୩୯/୦୮୪୪୦ ପୁରୀ-ପାଟଣା-ପୁରୀ ସ୍ପେଶାଲ, ୦୮୧୭୯/୦୮୧୮୦ ହାଓଡ଼ା-ପୁରୀ-ହାଓଡ଼ା ସ୍ପେଶାଲ, ୦୮୧୯୭/୦୮୧୯୮ ଟାଟା-କାଚେଗୁଡା-ଟାଟା ସ୍ପେଶାଲ୍ ଏବଂ ୦୬୦୩୬/୦୬୦୩୫ ଚେନ୍ନାଇ ସେଂଟ୍ରାଲ୍-ସାନ୍ତାଗଛି-ଚେନ୍ନାଇ ସେଂଟ୍ରାଲ୍ ସ୍ପେସିଆଲ୍ । ଏହା ବ୍ୟତୀତ ଯାତ୍ରୀମାନଙ୍କ ସୁବିଧା ପାଇଁ ଦେଶର ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକୁ ସଂଯୋଗ କରୁଥିବା ଅନେକ ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଚଳାଚଳ କରୁଛି ।ସଂରକ୍ଷିତ କୋଚରେ ଯାତ୍ରୀଙ୍କ କ୍ରମାଗତ ଭାବରେ ପ୍ରବେଶ ପାଇଁ ଆରପିଏଫ କର୍ମଚାରୀଙ୍କ ତତ୍ୱାବଧାନରେ ଟର୍ମିନାସ ଷ୍ଟେସନରେ ଧାଡି ଗଠନ କରି ଭିଡ଼ ନିୟନ୍ତ୍ରଣ ପଦକ୍ଷେପ ନିଶ୍ଚିତ କରାଯାଉଛି ।ଯାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଷ୍ଟେସନରେ ଅତିରିକ୍ତ ଆରପିଏଫ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଟ୍ରେନଗୁଡିକର ସୁଗମ ଚାଲିବା ନିଶ୍ଚିତ କରିବାକୁ ପ୍ରମୁଖ ଷ୍ଟେସନରେ ଜରୁରୀକାଳୀନ ଡ୍ୟୁଟିରେ ଅଧିକାରୀ ନିୟୋଜିତ ହୋଇଛନ୍ତି । ପ୍ରାଥମିକତା ଉପରେ ଟ୍ରେନ୍ ସେବାରେ ଯେପରି କୌଣସି ପ୍ରକାର ବ୍ୟାଘାତ ନ ଘଟେ ସେଥିପାଇଁ କର୍ମଚାରୀମାନଙ୍କୁ ବିଭିନ୍ନ ବିଭାଗରେ ନିୟୋଜିତ କରାଯାଇଛି ।ପ୍ଲାଟଫର୍ମ ନମ୍ବର ସହିତ ଟ୍ରେନର ଆଗମନ / ପ୍ରସ୍ଥାନ ବିଷୟରେ ବାରମ୍ବାର ଏବଂ ସମୟାନୁବର୍ତୀ ଘୋଷଣା ପାଇଁ ପଦକ୍ଷେପ ନିଆଯାଇଛି । "ମୁଁ ଆପଣଙ୍କୁ ସାହାଯ୍ୟ କରିପାରେ କି" ବୁଥଗୁଡିକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ କାର୍ଯ୍ୟକ୍ଷମ ରଖାଯାଇଅଛି ଯେଉଁଠାରେ ଯାତ୍ରୀମାନଙ୍କ ଉପଯୁକ୍ତ ସହାୟତା ଏବଂ ମାର୍ଗଦର୍ଶନ ପାଇଁ ଆରପିଏଫ୍ କର୍ମଚାରୀ ଏବଂ ଟିଟିଇଗୁଡିକ ନିୟୋଜିତ ହୋଇଛନ୍ତି । ଯୋଗାଯୋଗ ମାଧ୍ୟମରେ ମେଡିକାଲ ଟିମ୍ ପ୍ରମୁଖ ଷ୍ଟେସନରେ ଉପଲବ୍ଧ ହେବାପାଇଁ ବ୍ୟବସ୍ଥା କରାଯାଇଅଛି । ପାରାମେଡିକାଲ୍ ଟିମ୍ ସହିତ ଆମ୍ବୁଲାନ୍ସ ମଧ୍ୟ ଉପଲବ୍ଧ କରାଯାଇଅଛି ।ସୁରକ୍ଷା ଏବଂ ସତର୍କତା ବିଭାଗ କର୍ମଚାରୀଙ୍କ ଦ୍ୱାରା ଯେକୌଣସି ଅପବ୍ୟବହାର ଉପରେ ନଜର ରଖାଯାଇଛି ଯାହାଦ୍ୱାରା ବେଆଇନ କାର୍ଯ୍ୟକଳାପ ଇତ୍ୟାଦିକୁ ପ୍ରଶମିତ କରାଯାଇହେବ । ୱେଟିଂ ହଲ୍, ରିଟାୟାରିଂ ରୁମ୍, ବିଶେଷ ଭାବରେ ଯାତ୍ରୀଙ୍କ ସୁବିଧା କ୍ଷେତ୍ର ଏବଂ ସାଧାରଣତ ଷ୍ଟେସନରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ବିଶେଷ ଧ୍ୟାନଦେବାକୁ ପଦକ୍ଷେପମାନ ଗ୍ରହଣ କରାଯାଇଛି ।

# ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏ ଆର' ସିରିଜ୍ ର ଉଠାଣ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟ ଅର୍ଥ ବିଭାଗର ଆନୁକୂଲ୍ୟରେ ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏ ଆର୍ ସିରିଜ୍' ଉଠାଣ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଅର୍ଥ ଏବଂ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ପାଇଁ ସଂଚୟର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟର ପ୍ରତ୍ୟେକ ଅଂଚଳରେ ଯେପରି ବ୍ୟାଙ୍କିଂ ସେବା ପହଂଚିପାରିବ ସେଥିପାଇଁ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାକ୍ଷରତା ଅଭିଯାନର ସଫଳତା ପାଇଁ ସ୍ୱଳ୍ପ ସଂଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ଏବଂ ସ୍ୱଳ୍ପ ସଂଚୟ ପ୍ରତିନିଧିମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱଳ୍ପ ସଂଚୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଦାସ ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ସଂଚୟର ବାର୍ତା ଯେଭଳି ସମାଜର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଂଚି ପାରିବ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଜନସାଧାରଣ ଏହି ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବିଶେଷ ଭାବେ ଲାଭବାନ ହୋଇପାରିବେ ସେଥିପାଇଁ ଗୁରୁତ୍ୱ ଆରୋପ କରିଥିଲେ । ବିଚାରପତି ପ୍ରତାପ କୁମାର ପାତ୍ର, ପ୍ରଫେସର ଡ. ହୃଷିକେଶ ମହାନ୍ତି ଓ ଅବସରପ୍ରାପ୍ତ ଓଡ଼ିଶା ଅର୍ଥସେବା ଅଧିକାରୀ ସିଦ୍ଧାର୍ଥ କାନୁନଗୋଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବର୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଦିଗପହଣ୍ଡିର ୩ଟି ରାଜସ୍ୱ ଗ୍ରାମରେ ସେଟଲମେଂଟ କାର୍ଯ୍ୟ ଆରମ୍ଭ କରିବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ତାଙ୍କର ନିର୍ବାଚନ ମଣ୍ଡଳୀ ଦିଗପହଣ୍ଡି ଅନ୍ତର୍ଗତ ଆଙ୍କରୋଡା, ବଡଡୁମୁଳା ଏବଂ ସାନଖେମୁଣ୍ଡି ତହସିଲ ଅନ୍ତର୍ଗତ ଆମ୍ବଗାଁ ଗ୍ରାମରେ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସମ୍ପୃକ୍ତ ତିନୋଟି ରାଜସ୍ୱ ଗ୍ରାମରେ ବନ୍ଦୋବସ୍ତ କାର୍ଯ୍ୟ ହୋଇନଥିବା ଦୃଷ୍ଟିରୁ ସାଧାରଣ ଜନତା ଏବଂ କୃଷକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରହ୍ମପୁର ସ୍ଥିତ ସେଟଲମେଂଟ ଅଫିସର ଆବଶ୍ୟକ ହେଉଥିବା କର୍ମଚାରୀ ନିୟୋଜନ ନିମନ୍ତେ ରାଜସ୍ୱ ବିଭାଗକୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ହେଉଥିବା ଦୁଇଜଣ ସହକାରୀ ବନ୍ଦୋବସ୍ତ ଅଧିକାରୀ, ୩୦ ଜଣ ଅମିନ, ୨ ଜଣ ନିରୀକ୍ଷକ ଏବଂ ୨୦ ଜଣ ଚେନମ୍ୟାନଙ୍କୁ ରାଜସ୍ୱ ବିଭାଗ ତରଫରୁ ତୁରନ୍ତ ନିୟୋଜନ କରିବା ପାଇଁ ସେଟଲମେଂଟ ଅଫିସର ତାଙ୍କ ପତ୍ରରେ ନିର୍ଦେଦଶକ ଲ୍ୟାଣ୍ଡ ରେକର୍ଡ଼୍ସଙ୍କୁ ଅନୁରୋଧ କରିଛନ୍ତି । ଏ ସଂକ୍ରାନ୍ତରେ ରାଜସ୍ୱ ପର୍ଷଦ ସଭ୍ୟଙ୍କୁ ମଧ ପତ୍ର ସଂଖ୍ୟା – ୧୦୬୧, ତା.୨୭.୧୦. ୨୦୨୧ରିଖରେ ଅବଗତ କରାଯାଇଛି । ଠିକ୍ ସେହିପରି ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ମଧ ଏ ସଂକ୍ରାନ୍ତରେ ଅବଗତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି । ଉକ୍ତ ତିନିଗୋଟି ରାଜସ୍ୱ ଗ୍ରାମରେ ବହୁ ବର୍ଷ ହେଲା ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ବାଚସ୍ପତି ରାଜସ୍ୱ କର୍ତୃପକ୍ଷଙ୍କୁ ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ସମ୍ପଦ କେନ୍ଦ୍ର, ଜୈବିକ ଖତ କେନ୍ଦ୍ର ସରଂଜାମର ରକ୍ଷଣାବେକ୍ଷଣା ପାଇଁ ଆଇଟିଆଇ ସହ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, (ପି.ଏନ): ରାଜ୍ୟର ୧୧୪ ଟି ପୌରାଚଂଳରେ ପ୍ରତିଷ୍ଠା କରାଯାଇଥିବା ସମ୍ପଦ କେନ୍ଦ୍ର ଏବଂ ଜୈବିକ ଖତ କେନ୍ଦ୍ର ମାନଙ୍କରେ ବ୍ୟବହୃତ ହେଉଥିବା ସରଞ୍ଜାମ ଗୁଡିକର ରକ୍ଷଣା ବେକ୍ଷଣ ଓ ମରାମତି ସହିତ ନିରନ୍ତର ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସମସ୍ତ ପୌରସଂସ୍ଥା ଏବଂ ୩୩ ଗୋଟି ଆଇ.ଟି.ଆଇ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ସହରାଚଂଳ ମାନଙ୍କରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସମ୍ପଦ କେନ୍ଦ୍ର ପ୍ରତିଷ୍ଠା , ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଏବଂ ମିଶନ ଶକ୍ତିର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଏହି ସବୁ କେନ୍ଦ୍ର ଗୁଡିକର ପରିଚାଳନା କରାଯାଉଛି । ଏହି ସବୁ କେନ୍ଦ୍ରଗୁଡିକର ସୁପରିଚାଳନା ପାଇଁ ବ୍ୟାଟେରି ଚାଳିତ ଗାଡି ଓ ଅନ୍ୟାନ୍ୟ ଯନ୍ତ୍ରପାତିର ଆବଶ୍ୟକତା ରହିଛି । ସେହି ସବୁ ଗାଡି ଓ ଯନ୍ତ୍ରପାତି ଗୁଡିକର ନିୟମିତ ରକ୍ଷଣା ବେକ୍ଷଣ ଜରୁରୀ ଯାହା ସେହି କମ୍ପାନୀମାନେ ଠିକ୍ ସମୟରେ ଏବଂ ସ୍ଥାନୀୟ ଭାବେ ଯୋଗାଇବା ସମ୍ଭବ ହେଉ ନାହିଁ । ଏହି ସବୁ ଗାଡି ଏବଂ ଯନ୍ତ୍ରପାତି ଗୁଡିକର ରକ୍ଷଣା ବେକ୍ଷଣକୁ ସହଜ କରିବା ପାଇଁ ଆମର ନଗର ଉନ୍ନୟନ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟୀକ ଶିକ୍ଷା ବିଭାଗର ନିର୍ଦ୍ଦେଶାଳୟ ସ୍ତରରେ ବୁଝାମଣା ସ୍ୱାକ୍ଷରିତ ହୋଇଛି । ସେହିପରି ରାଜ୍ୟରେ ଥିବା ସମସ୍ତ ପୌରାଚଂଳ ଓ ଆ.ଟି.ଆଇ ମାନଙ୍କ ମଧ୍ୟରେ ମଧ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।ଆମର ନିଜସ୍ୱ ଉପଲବ୍ଧ ସମ୍ବଳରେ ଏହି ବ୍ୟବସ୍ଥା କରାଯିବା ସହିତ ଆଇ.ଟି.ଆଇ ଗୁଡିକର ସ୍ଥାୟୀ ଆର୍ଥିକ ଆୟ ହୋଇପାରିବ ।ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟର ୧୧୪ ପୌରାଚଂଳ ସହିତ ୩୩ ଟି ଆଇ.ଟି.ଆଇ ସହବନ୍ଧିତ ହୋଇଛନ୍ତି ।ଜିଲ୍ଲା ସ୍ତରରେ ଜିଲ୍ଲାପାଳ ମାନଙ୍କ ଉପସ୍ଥିତିରେ ମ୍ୟୁନିସପାଲିଟି ଓ ଏନ୍.ଏ.ସି ଗୁଡିକର ନିର୍ବାହୀ ଅଧିକାରୀ, ମହାନଗର ନିଗମଗୁଡିକର କମିଶନର କିମ୍ବା ତାଙ୍କ ପ୍ରତିନିଧି ମାନେ ଆଇ.ଟି.ଆଇ ଅଧକ୍ଷ ମାନଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ବିଶ୍ୱ ସୋରାଇସିସ ଦିବସରେ ବିଶେଷଜ୍ଞମାନେ ଉନ୍ନତ ଚିକିତ୍ସାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି

ଭୁବନେଶ୍ୱର,(ପି.ଏନ): ପ୍ରାୟ ୨୫ନିୟୁତ ଭାରତୀୟଙ୍କୁ ପ୍ରଭାବିତ କରିଥିବା ସୋରାଇସିସ ଚର୍ମକୁ ପ୍ରଭାବିତ କରିଥିବା ସୋରାଇସିସ ଚର୍ମକୁ ପ୍ରଭାବିତ କରୁଥିବା ଏକ କ୍ରନିକ, ଅଟୋଇମ୍ୟୁନ ଅବସ୍ଥା ଅଟେ । ପ୍ରାୟତଃରୁ ପେଲିକାତି କିମ୍ବା ଫଳକ(ଚକଡା) ଦ୍ୱାରା ଆଚ୍ଛାଦିତ ପ୍ରଦାହୀ, ବହଳ, ଲାଲ ଏବଂ କୁଣ୍ଡେଇ ହେବା ଚର୍ମଭାବରେ ଏହା ଉପସ୍ଥାପିତ ହୁଏ । ଅବହେଳା କିମ୍ବା ଚିକିତ୍ସାକରା ନ ଗଲେ ଏହା ବିଗିଡି ଯାଇ ପାରେ କିମ୍ବା ଅଧିକା ଖରାପ ହୋଇପାରେ । ଏହାର ଲକ୍ଷଣ ଗୁଡିକ ଚିହ୍ନିବା ସହଜ ହୋଇଥିବା ଯୋଗୁଁ ଏକ ସରଳ ଶାରିରୀକ ପରୀକ୍ଷା ମାଧ୍ୟମରେ ତୁରନ୍ତ ନିଦାନ ହୋଇଥାଏ, ଅବସ୍ଥା ଭଲ ଭାବରେ ବୁଝାଯାଇ ନଥାଏ । 'କେବଳ ଏକ ଚର୍ମସମସ୍ୟା' ଭାବରେ ଛାଡି ଦେଲେ ସୋରାଇସିସର ଗମ୍ଭୀରତା ଏବଂ ଆନୁଷଙ୍ଗିକ ଜଟିଳତା ସମ୍ବନ୍ଧରେ ଜ୍ଞାନର ଫାଟ ରହିଯାଏ, ଯାହା ଖରାପ ରୋଗ ପରିଚାଳନା, ନିମ୍ନ ଉପଚାର ଆପଣେଇବା ତଥା ସୀମିତ ଡାକ୍ତର-ରୋଗୀ ପରାମର୍ଶ ଏବଂ କ୍ଲିନିକଲ ଫଲୋ-ଆପ'ରେ ପରିଣତ ହୋଇଥାଏ । ଚର୍ମରୋଗ ବିଶେଷଜ୍ଞ, ଚର୍ମରୋଗ ଚିକିତ୍ସାଳୟ, ଭୁବନେଶ୍ୱର ଡକ୍ଟର ବିକାଶ କରଙ୍କ ଅନୁଯାୟୀ, ନ୍ତସୋରାଇସିସରେ ଅମାନ୍ୟ ହେବା ଏକ ପ୍ରମୁଖ ଆହ୍ୱାନ ଅଟେ । ରୋଗୀମାନେ ସାଧାରଣତଃ ଟିକିଏ ଉନ୍ନତି ଦେଖିବା ପରେ ସେମାନଙ୍କର ଫଲୋ ଆପ ଚିକିତ୍ସା ଛାଡିଦିଅନ୍ତି । ଏହା ରୋଗକୁ ଆହୁରି ବଢାଇଥାଏ, ବନ୍ଦ କରିବାର ଏକ ପ୍ରମୁଖ କାରଣ ହେଉଛି ରୋଗୀର ଦେୟ କ୍ଷମତା । ତେଣୁ ସୋରାଇସିସ ଉପରେ ସଚେତନତା ସୃଷ୍ଟିକରିବା ଏବଂ ବୀମାରେ ଚିକିତ୍ସାର ଖର୍ଚ୍ଚ ବହନ କରିବା ଆବଶ୍ୟକ ହେଉଛି । ଜୀବନଶୈଳୀ ପରିବର୍ତ୍ତନ ଉପରେ ନିୟମିତ ପରାମର୍ଶ ସହିତ ଯେପରିକି - ଏକ ସୁସ୍ଥ ଆହାର ବଜାୟ ରଖିବା, ନିୟମିତ ବ୍ୟାୟାମ କରିବା, ଏବଂ ଧୂମପାନ ଏବଂ ମଦ୍ୟପାନ ଛାଡିବା ମଧ୍ୟ ଚିକିତ୍ସାର ସାମଗ୍ରିକ ଅନୁପାଳନରେ ସାହାଯ୍ୟ କରିଥାଏ । ପରିଶେଷରେ, ରୋଗର ଗୁରୁତରତା ଉପରେ ନିର୍ଭର କରି ବିଭିନ୍ନ ଚିକିତ୍ସା ମାଧ୍ୟମରେ ସୋରାଇସିସ'ର ଚିକିତ୍ସା କରାଯାଇ ପାରେ । ଅବଶ୍ୟ, ଆଜି ପର୍ଯ୍ୟନ୍ତ ଜୈବବିଜ୍ଞାନ ପରି ଉନ୍ନତ ଚିକିତ୍ସା ଏକ ମାସରୁ କମ ସମୟରେ ଫଳାଫଳ ଦେଖାଇଛି ଏବଂ ଜୀବନର ଗୁଣବତାକୁ ବହୁ ପରିମାଣରେ ଉନ୍ନତ କରିଛି । ସୋରାଇସିସ ପରି ଅଟୋ-ଇମ୍ୟୁନ ସ୍ଥିତିର ଚିକିତ୍ସା ଉପରେ ଗତ ଦଶନ୍ଧି ମଧ୍ୟରେ ଅପାର ବିକାଶ ହୋଇଛି। ଏହି ରୋଗରେ ସହାୟକ ହେଉଥିବା ଚର୍ମ କୋଷର ବୃଦ୍ଧିକୁ ମନ୍ଥର କରିବାବେଳେ ଏହା ବିଶେଷ ଭାବରେ ପ୍ରଦାହ, କାତି ଏବଂ ଫଳକକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଚିକିତ୍ସା କରାଯାଏ । ଏଥିରେ ଟପିକଲ ଉପଚାର (ଚର୍ମରେ ପ୍ରୟୋଗ କରାଯାଉଥିବା କ୍ରିମ ଏବଂ ମଲମ), ଫୋଟଥେରପି(ଆଲୋକ ଥେରପି), ମୌଖିକ ପ୍ରଣାଳୀଗତ ଚିକିତ୍ସା (ଅଣ-ଷ୍ଟେରଇଡଲ ଏଂଟି-ଇନଫ୍ଲାମେଟୋରୀ ଔଷଧ) ଏବଂ ବାୟୋଲୋଜିକ୍ସ ଭଳି ଉନ୍ନତ ଚିକିତ୍ସା ବିକଳ୍ପ ଅନ୍ତର୍ଭୂକ୍ତ, ଯାହଜୀବନ୍ତ କୋଷରୁ ପ୍ରସ୍ତୁତ ଔଷଧର ଏକ ନୂତନ ଶ୍ରେଣୀ ଅଟେ, ଏକ ଇନ୍ଜେକ୍ସନ କିମ୍ବା ଇନଫ୍ୟୁଜନ ମାଧ୍ୟମରେ ବ୍ୟବହୃତ ହୋଇଥାଏ । ସୋରିୟାଟିକ ରୋଗରେ ଏକ ଭୂମିକା ଗ୍ରହଣ କରୁଥିବା ପ୍ରତିରକ୍ଷା ପ୍ରଣାଳୀର ନିର୍ଦ୍ଦିଷ୍ଟ ପ୍ରୋଟିନକୁ ଜୈବବିଜ୍ଞାନ ଟାର୍ଗେଟ କରିଥାଏ ଏବଂ ବିଶେଷତଃ ମଧ୍ୟମରୁ ଗୁରୁତର ସୋରାଇସିସ ଏବଂ ସୋରିୟାଟିକ ଆର୍ଥ୍ରାଇଟିସ ପାଇଁ ଯାହା ନିରାପଦ ଓ ପ୍ରଭାବ ଶାଳୀ ଚିକିତ୍ସା ବିକଳ୍ପ ଅଟେ । ଚର୍ମ ରୋଗ ବିଶେଷଜ୍ଞଙ୍କ ପରାମର୍ଶିତ ଚିକିତ୍ସାପଥ୍ୟ ପାଳନକୁ ଅନୁସରଣ କରିସ୍ଥାୟୀ ଲାଭ ଏବଂ ଉନ୍ନତ ସ୍ୱାସ୍ଥ୍ୟ ଫଳାଫଳ ହାସଲକରିବା ସୁନିଶ୍ଚିତ କରିବାକୁ ଏହା ସହିତ ଚିକିତ୍ସାର ଖରାପ ଆପେଣଇବା, ଅନ୍ୟ ଏକ ପ୍ରତିବନ୍ଧକକୁ ଦୂରକରିବାକୁ ପଡିବ । ଅକ୍ଟୋବର ୨୯ ତାରିଖ, ବିଶ୍ୱସୋରାଇସିସ ଦିବସ ଅଟେ । ସୋରାଇସିସ ପ୍ରଦାହର ଏକ ଲକ୍ଷଣ, ଏପରିକି ସୋରାଇସିସର ହାଲକା ମାମଲା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଦାହକୁ ସୂଚାଇଥାଏ । ଏହା ଅନେକ କୋମର୍ବିଡିଟି ସହିତ ମଧ୍ୟ ଜଡିତ । ସାଧାରଣ ଭାବେ ତିନିଟି ସୋରାଇସିସ ରୋଗୀଙ୍କ ମଧ୍ୟରୁ ଜଣେ ପ୍ରତିରୋଧକ ଶକ୍ତି ସହିତ ସମ୍ପର୍କିତ ଅନ୍ୟ ଏକ କ୍ରନିକ ରୋଗ ସୋରିୟାଟିକ ଆର୍ଥ୍ରାଇଟିସ ରୋଗ ବିକାଶ କରିଥାନ୍ତି । ଏହା ଗଣ୍ଠି ଏବଂ ଆଖପାଖ ଅଞ୍ଚଳରେ ଫୁଲା, କଠିନତା ଏବଂ ଯନ୍ତ୍ରଣା ସୃଷ୍ଟିକରିଥାଏ । ଏହାର ଚିକିତ୍ସାକରା ନଗଲେ ସୋରିୟାଟିକ ଆର୍ଥ୍ରାଇଟିସ ଛଅ ମାସରୁ କମ ସମୟ ମଧ୍ୟରେ ଗଣ୍ଠିରେ ସ୍ଥାୟୀ କ୍ଷତି ଘଟାଇପାରେ । ସାମାଜିକ ବିଚ୍ଛିନ୍ନତା ଏବଂ ସମ୍ପର୍କ, ଲାଞ୍ଛନା, କାର୍ଯ୍ୟ ଅନୁପସ୍ଥିତି, ଆତ୍ମ ସମ୍ମାନ ଏବଂ ମାନସିକ ସ୍ୱାସ୍ଥ୍ୟସହିତ ଜୀବନ ମାନକର ଗୁରୁତ୍ୱପୂର୍ଣ୍ଣ ଗୁଣରେ ଏହି ଅବସ୍ଥାର ନକାରତ୍ମକ ପ୍ରଭାବ ମଧ୍ୟ ରହିଥାଏ । ସୋରାଇସିସ ରୋଗୀଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ଉଦାସୀନତା କିମ୍ବା ଉଦବେଗ ସହିତ ମନୋବୈଜ୍ଞାନିକ ସ୍ଥିତିରେ ପୀଡିତ ଥାନ୍ତି, ଯାହାକି ଅଧିକ ଅସୁବିଧା ସୃଷ୍ଟି କରିଥାଏ । ଅନେକ ରୋଗୀ ଏବଂ ସେମାନଙ୍କ ପରିବାର ଚର୍ମ ବାହାରେ ରୋଗର ନିହିତର୍ଥ ବୁଝନ୍ତି ନାହିଁ, ଏହାର ଗମ୍ଭୀରତାକୁ ଅଣ ଦେଖା କରାଯାଏ, ଏବଂ ଏହାର ଶାରୀରିକ ଲକ୍ଷଣ ଗୁଡିକ ଦୂରକରିବା ପାଇଁ ଘରୋଇ ଉପଚାର କିମ୍ବା ସ୍ୱଳ୍ପ କାଳୀନ ସମାଧାନ ଆପେଣଇଥାନ୍ତି । ପ୍ରଭାବଶାଳୀ ଚିକିତ୍ସା ଲକ୍ଷ୍ୟ ସହିତ ସାମଗ୍ରିକ ପରିଚାଳନା ଏକ ସ୍ୱଚ୍ଛ ଏବଂ ଜରୁରୀ ଚିକିତ୍ସା ଆବଶ୍ୟକ ।

# ବିନା ବୀମାରେ ଚାଲୁଛି ଚଣ୍ଡିଖୋଲ ଟ୍ରାଫିକ ଥାନାଅଧିକାରୀଙ୍କ ଗାଡି



ଚଣ୍ଡିଖୋଲ,(ପି.ଏନ): ଯାଜପୁର ଜିଲ୍ଲା ଚଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରୀ ପ୍ରତିଦିନ ଜିଲ୍ଲାର ବିଭିନ୍ନ ସ୍ଥାନବୁଲି ଗାଡି ଚେକିଂ ସହ ହେଲମେଟ ଚେକିଂ କରି ଜୋରିମାନା ଆଦାୟ କରୁଛନ୍ତି । ସାଧରଣ ଜନତା ଏହି ଚେକିଂ ସମୟରେ ଧରା ପଡିଲେ ସାମାନ୍ୟ ତ୍ରୁଟି ପାଇଁ ସରକାରଙ୍କ ନିୟମନୁସାରେ ହଜାର ହଜାର ଟଙ୍କା ଜୋରିମାନା ଗଣୁଥିବା ବେଳେ ଖୋଦ ଚଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରୀ ଏହି ନିୟମକୁ ଖୁଲମ ଖୁଲା ଉଲଂଘନ କରି ବୀମା ନଥିବା ଗାଡି କୁ ବ୍ୟବହାର କରି ପ୍ରତିଦିନ ଏହି ଜୋରିମାନା ଆଦାୟ କରୁଥିବାର ଦେଖିବାକୁ ମିଳିଛି । ଏଠି ସାଧାରଣ ଜନତା ଦୋଷ କରି ଦଣ୍ଡ ପାଉଥିବା ବେଳେ ବଡବଡ଼ିଆ ଅଫିସର ବାବୁମାନଙ୍କ ପାଇଁ କିପରି ଏହା ଲାଗୁକରାଯାଏନି ତାହା ସାଧାରଣରେ ପ୍ରଶ୍ନବାଛି ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ ଯେ ଗୁରୁବାର ଦିନ ଜାରକା ରିଲିଆନ୍ସ ପେଟ୍ରୋଲ ପମ୍ପ ନିକଟରେ ସମ୍ପୃକ୍ତବୋଲେରୋ ଗାଡି ନ ଓଆର୦୫ ଏକ୍ୟୁ ୫୨୦୫ ଗାଡ଼ିରେ ବସି କିଛି ରାଜ୍ୟ ବାହାରକୁ ଯାଉଥିବା ଗାଡି ଓ ବାଇକ ଚଳାକଙ୍କ ଠାରୁ ଜୋରିମାନା ଆଦାୟ କରୁଥିବା ବେଳେ ସେହି ବାଟ ଦେଇ ଯାଉଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ନଜରକୁ ଆସିଥିଲା, ପ୍ରତିନିଧିମାନେ ନିଜ ଗାଡିକୁ ଅଟକାଇ ଟ୍ରାଫିକ ଅଧିକାରୀଙ୍କ ସହ କିଛି ସମୟ ଆଲୋଚନା କରିଥିଲେ ଓ ଉକ୍ତ ଗାଡ଼ିଟିର ବୀମା ଆଞ୍ଚଳିକ ପରିବହନ ପୋର୍ଟଲ ରେ ନଥିବା ଓ ଏହି ଗାଡିଟି ଏକ ମୋଟର ସାଇକେଲ ନମ୍ବର ଥିବା ଦେଖିବାକୁ ମିଳିଥିଲା ।ଏ ନେଇ ଅଧିକାରୀଙ୍କୁ ପଚାରିଥିଲେ. ଅଧିକାରୀ ଜଣଙ୍କ କୌଣସି ଉତ୍ତର ଦେଇନଥିଲେ। ଘଟଣା ବିଷୟରେ ଆଞ୍ଚଳିକ ପରିବହନ ଅଧିକାରୀଂକୁ ପଚାରିବାରୁ ଗାଡ଼ିରେ ବୀମା ରହିବା ନିହାତି ଆବଶ୍ୟକ ବୋଲି କହିଥିଲେ ଏବେ କାର୍ଯ୍ୟାଳୟ ଛୁଟି ଥିବାରୁ ମୁ କାଲି ଏ ବିଷୟରେ ଜଣାଇବି ବୋଲି କହିଥିଲେ । ଏଠାରେ ପ୍ରଶ୍ନ ଉଠେ ଯଦି ଏହି ଗାଡିଟି କୌଣସି କାରଣରୁ ଦୁର୍ଘଟଣା ଗ୍ରସ୍ତହୁଏ ଓ ଏଥରେ କେହି ଯଦି ମୃତାହତ ହୁଅନ୍ତି ତାହେଲେ ଉକ୍ତ ବ୍ୟକ୍ତିଟି କିପରି ବୀମା ସହାୟତା ପାଇପାରିବ । ଅନ୍ୟକୁ ଆଇନର ପାଠ ପଢ଼ାଉଥିବା ଟ୍ରାଫିକ ଥାନାଅଧିକାରୀ କିପରି ଆଇନକୁ ଅଣଦେଖା କରୁଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ପଲିଟିଛି । ଜନସାଧରଣଙ୍କ ହିତ ଦୃଷ୍ଟିରୁ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ବୁଦ୍ଧିଜୀବୀମହଲରୁ ଦାବୀ ହେଉଅଛି ।

# ଦୁର୍ନୀତି ନିବାରଣ ସଚେତନତା ପାଇଁ ୱାକାଥନ୍

ବାଲେଶ୍ୱର, (ପି.ଏନ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଚତୁର୍ଥ ଦିନରେ ଆଜି ବାଲେଶ୍ୱର ସହରରେ ଏକ ୱାକାଥନ(ପଦଯାତ୍ରା) ଅନୁଷ୍ଠିତ ହୋଇଯାଇଛି । ଦୁର୍ନୀତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ୱାକାଥନରେ କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀମାନେ ସାମିଲ ହୋଇ ସ୍ଥାନୀୟ ପବ୍ଲିକ ସ୍କୁଲର ବାହାରି ସହରର ଷ୍ଟେସନ ଛକ, ଫକୀରମୋହନ ଗୋଲେଇ ଏବଂ ଫାଣ୍ଡି ଛକ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ପ୍ରାୟ ୫୦ଜଣ ଛାତ୍ରଛାତ୍ରୀ ଏହି ୱାକାଥନରେ ଅଂଶଗ୍ରହଣ କରିଥିଲେ । ବାଲେଶ୍ୱର ଭିଜିଲାନ୍ସ ଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ନରହରି ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତିକୁ ରୋକିବା ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ସାଙ୍ଗକୁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଭିଜିଲାନ୍ସ ଏସପି ଶ୍ରୀ ନାୟକ କହିଥିଲେ । ଏହି ଅବସରରେ ଭିଜିଲାନ୍ସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପରମେଶ୍ୱର କିଶାନ, ଭିଜିଲାନ୍ସ ଡିଏସପି ଶ୍ରୀ ସନ୍ତୋଷ କୁମାର ସାମନ୍ତରା, ଶ୍ରୀ ସିକନ୍ଦର ହେମ୍ବ୍ରମ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# କାଠ ଖୁଂଟରେ ଚାଲିଛି ବିଦ୍ୟୁତ ଯୋଗାଣ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ମାଣିବନ୍ଧ ପଂଚାୟତ ଅନ୍ତର୍ଗତ ଏକଡାଳି ଗ୍ରାମର ରାସ୍ତା କଡରେ ୩୩ କେଭି ବିଦ୍ୟୁତ ସଂଯୋଗ ବିଦ୍ୟୁତ ଯୋଗାଣ ସିମେଂଟ ଖୁଂଟି ପରିବର୍ତେ ଏକ କାଠ ଖୁଂଟରେ ତାର ଗୁଡିକ ବିପଦପୂର୍ଣ୍ଣ ଭାବରେ ଝୁଲି ରହିଛି । ଏହି ରାସ୍ତା ଦେଇ ପ୍ରତିଦିନ ପଂଚପଲ୍ଲୀ ମାଣିବନ୍ଧ ଉଚ୍ଚ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନଙ୍କ ସମେତ ପଥଚାରୀ,ଗ୍ରାମବାସୀ ଓ ଭାରୀଯାନ ଲଘୁଯାନ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାଏ । ଏହି କାଠ ଖୁଂଟଟି ବିଦ୍ୟୁତ ବିଭାଗ ଅପାରଗତା ଯୋଗୁଁ ହୋଇଥିବାରୁ କେଉଁ ଦିନ ଅଘଟଣ ଘଟିବ ତାହା କହିବା ମୁସ୍କିଲ ହୋଇ ପଡିଛି । ଏ ନେଇ ବେଗୁନିଆ ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନଥିବାରୁ ତୁରନ୍ତ ସମସ୍ୟା ସମାଧାନ କରିବା ପାଇଁ କହିଛନ୍ତି ।

# ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ଶପଥ ପାଠ

ବାଲେଶ୍ୱର,(ପି.ଏନ): ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ଶପଥପାଠ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ଘଟିକାରେ ଏହି ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ ଏନଡିଆରଏଫ ଓ ଓଡ୍ରାଫ ଯବାନମାନେ ଏଥିରେ ଯୋଗ ଦେଇ ବିପର୍ଯ୍ୟୟ ମୁକାବିଲା ପାଇଁ ସଚେତନତା ବୃଦ୍ଧି ସହ ନିଜ ଶକ୍ତି ଓ ସାମର୍ଥ୍ୟ ହିସାବରେ କାର୍ଯ୍ୟ କରିବା ଏବଂ ଉଦ୍ଧାର କାର୍ଯ୍ୟରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଶପଥ ନେଇଥିଲେ । ବାଲେଶ୍ୱର ଜିଲ୍ଲା ଏକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ ହେଉଥିବା ବେଳେ ଏଥିପାଇଁ ଉଭୟ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ସବୁବେଳେ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଉପଯୁକ୍ତ ପ୍ରଶିକ୍ଷଣ ପାଇଁ ପ୍ରତି ମାସରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ଟିମ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

# ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସରେ ଶପଥ ପାଠ

ଖୋର୍ଦ୍ଧା,(ପିଏନ) : ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ,ରାଜସ୍ୱ ଜିଲ୍ଲାପାଳ ଅନୁଜ କୁମାର ଦାସ ପଟ୍ଟନାୟକ ଓ ଡେପୁଟି କଲେକ୍ଟର ଇମରଜେନସି ସଂଘମିତ୍ରା ବେହେରାଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଯୋଗ ଦେଇ ଶପଥ ପାଠ କରିଥିଲେ ।୧୯୯୯ ମସିହା ବାତ୍ୟା ପରଠାରୁ ବିପର୍ଯ୍ୟୟ ମୁକାବିଲାପ୍ରସ୍ତୁତି ପାଇଁ ସରକାର ବହୁ ପଦକ୍ଷେପ ନେଇ ଧନଜୀବନର ସୁରକ୍ଷା,ଉଦ୍ଧାର ଓ ରିଲିଫ କାର୍ଯ୍ୟସହ ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ ଗୁରୁତ୍ୱ ନେଇଛନ୍ତି ।

# ସ୍ୱର୍ଣ୍ଣିମ ବିଜୟ ମଶାଲ ଶୋଭାଯାତ୍ରା ଉତ୍ସବ



ଖୋର୍ଦ୍ଧା,(ପିଏନ):ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପରିସରରେ ସ୍ୱର୍ଣ୍ଣିମ ବିଜୟ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭା ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା । ୧୯୭୦ ମସିହାରେ ଭାରତର ପଡୋଶୀ ଦେଶ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ଭାରତର ବିଶାଳ ବିଜୟର ୮୦ ବର୍ଷ ପାଳନ ଉପଲକ୍ଷେ ଏହି ମଶାଲ ଶୋଭାଯାତ୍ରା ସାରା ଦେଶରେ ଆଡମ୍ବର ପୂର୍ଣ୍ଣ ଭାବରେ ପାଳନ କରାଯାଇଛି ।ଏହି ଶୋଭାଯାତ୍ରା ଆଇଏନସ ଚିଲିକାରୁ କର୍ଣ୍ଣେଲ ଆଶିସ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବାହାରି ନାଚୁଣି ମହାବିଦ୍ୟାଳୟ ସହ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟରେ ପହଂଚିବା ପରେ କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ସ୍ୱାଗତ କରି ଅଧ୍ୟକ୍ଷା ଡଃ ରଞ୍ଜିତା ସେଠୀଙ୍କୁ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ହସ୍ତାନ୍ତର କରାଯାଇଥିଲା । ଏ ନେଇ ଅଧ୍ୟକ୍ଷା ଡଃ ଶ୍ରୀମତୀ ସେଠୀଙ୍କ ସଭାପତିତ୍ୱ ଓ ଅଧ୍ୟାପକ ଶୁଭେନ୍ଦୁ କୁମାର ମହାନ୍ତିଙ୍କ ସଂଯୋଜନାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ କର୍ଣ୍ଣେଲ ଆଶିଷ କୁମାର ମିଶ୍ର ମୁଖ୍ୟ ଅତିଥି,କ୍ୟାପଟେନ କେସି ବିଶ୍ୱାଳ ମୁଖ୍ୟ ବକ୍ତା ଓ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇ ୧୯୭୦ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ବୀର ସହିଦଙ୍କ ବଳିଦାନ ସମ୍ପର୍କରେ ସ୍ମୃତିକୁ ମନେ ପକାଇଥିଲେ ।ପରେ ଏନସିସି କ୍ୟାଡେଟ ମଧ୍ୟରୁ ୩ ଜଣଙ୍କୁ ଅତିଥିମାନେ ପଦକ ପ୍ରଦାନ କରିଥିଲେ । ଶେଷରେ ଅଧ୍ୟାପକ ସୁବୋଧ କୁମାର ଜଗଦେବ ଧନ୍ୟବାଦ ଅର୍ପଣ କରିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray